# ଏକକ ୪: ଭୂଗୋଳ

**ସଂରଚନା**


| | |
|---|---|
| ୪.୦ | ଉପକ୍ରମ |
| ୪.୧ | ଶିକ୍ଷଣ ଉଦ୍ଦେଶ୍ୟ |
| ୪.୨. | ଭୂଗୋଳ ଶିକ୍ଷାଦାନ-ଶିକ୍ଷଣର ଉଦ୍ଦେଶ୍ୟ |
| ୪.୩. | ଭୂଗୋଳ ଉପରେ ପ୍ରତିଫଳନ |
| ୪.୪. | ଭୂଗୋଳ ଶିକ୍ଷାଦାନର ପନ୍ଥା ସମୂହ |
| ୪.୫. | ଭୂଗୋଳର ପରିସର |
| ୪.୬. | ଉଚ୍ଚ ପ୍ରାଥମିକ ସ୍ତରରେ ଭୂଗୋଳ ଶିକ୍ଷାଦାନ |
| ୪.୭. | ପରିବହନ ସଂକ୍ରାନ୍ତ ପାଠ୍ୟଯୋଜନା |
| ୪.୮. | ସାରାଂଶ |
| ୪.୯ | ଶବ୍ଦାବଳୀ/ସଂକ୍ଷିପ୍ତ ରୂପ |
| ୪.୧୦. | ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ |
| ୪.୧୧. | ପାଠାନ୍ତ ପ୍ରଶ୍ନାବଳୀ |


## ୪.୦ ଉପକ୍ରମ

ଏହି ସମୟରେ ତୁମେ ଅନୁଭବ କରିପାରୁଥିବ ଯେ ସାମାଜିକ ବିଜ୍ଞାନଗୁଡିକ ଏକ ଶୈକ୍ଷିକ କ୍ଷେତ୍ର ଯାହା ସମାଜକୁ ଗଭୀରଭାବେ ବୁଝିବାରେ ଛାତ୍ରଛାତ୍ରୀମାନଙ୍କୁ ସକ୍ଷମ କରାଏ । ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜ ବିଜ୍ଞାନରୁ ଆନୀତ ବିଷୟବସ୍ତୁ ସମେତ ସମାଜର ବିବିଧ ସମସ୍ୟାକୁ ସାମାଜିକ ବିଜ୍ଞାନ କିପରି ଗୁରୁତ୍ୱ ପ୍ରଦାନ କରେ ତାହା ତୁମେ ନିଶ୍ଚୟ ଅନୁଭବ କରିପାରୁଥିବ । ଜଣେ ଶିକ୍ଷକ ଭାବରେ ତୁମେ ତୁମ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହି ସବୁ ପାଠ୍ୟକ୍ରମ ଅଧ୍ୟୟନ କରିନଥିଲେ ମଧ୍ୟ ସାମାଜିକ ବିଜ୍ଞାନର ସମସ୍ତ ଭାଗରେ ଶିକ୍ଷାଦାନ ଅଭିଜ୍ଞତା ତୁମର ଥାଇପାରେ; ମାତ୍ର ଏହି ସବୁ ବିଭାଗରେ ଶିକ୍ଷାଦାନ ସମୟରେ କେତେକ ସ୍ଥାନରେ ତୁମେ ନିଶ୍ଚୟ ଅଶ୍ୱସ୍ତି ଅନୁଭବ କରୁଥିବ । ଏହାକୁ ଦୃଷ୍ଟିରେ ରଖି ତୁମକୁ ସାମାଜିକ ବିଜ୍ଞାନର ବିଭିନ୍ନ ଭାଗ / ଅଂଶ ସମ୍ପର୍କରେ ଅବଗତ କରାଇବା ପାଇଁ ଉଦ୍ୟମ କରାଯାଇଛି । ପୂର୍ବ ଏକକରେ ତୁମେ ଇତିହାସକୁ ସାମାଜିକ ବିଜ୍ଞାନର ଏକ ଭାଗ / ଅଂଶ ଭାବରେ ଦେଖିଛ । ସେହି ଏକକ ଜରିଆରେ ଇତିହାସରେ କ'ଣ ଘଟିଛି, ଐତିହାସିକମାନେ ସେମାନଙ୍କ କାର୍ଯ୍ୟ କିପରି ସମ୍ପାଦନ କରିଛନ୍ତି ଏବଂ ଆମେ କାହିଁକି ଆମ ବିଦ୍ୟାଳୟରେ ଇତିହାସ ଶିକ୍ଷାଦାନ କରିବା ଇତ୍ୟାଦି ତୁମେ ଜାଣିପାରିଲ । ଏହି ଏକକରେ ତୁମେ ସାମାଜିକ ବିଜ୍ଞାନର ଆଉ ଏକ ଭାଗ / ଅଂଶ ଭୂଗୋଳ ସଂକ୍ରାନ୍ତରେ ଅବଗତ ହେବ । ତୁମେ

ଟିପ୍ପଣୀ

ଦୁଇଟି ପ୍ରଶ୍ନ ସମ୍ବନ୍ଧରେ ଅଧିକରୁ ଅଧିକ ଜାଣିପାରିବ- ଭୂଗୋଳ କ'ଣ ଏବଂ କାହିଁକି ଆମେ ଭୂଗୋଳ ଶିକ୍ଷାଦାନ ଓ ଶିକ୍ଷଣ କରିବା ? ଭୂଗୋଳର ବିଷୟ ବସ୍ତୁ ଓ ପଦ୍ଧତି ଏବଂ ସାମାଜିକ ବିଜ୍ଞାନର ଅନ୍ୟାନ୍ୟ ଭାଗ ମଧ୍ୟରେ ଥିବା ବିଭିନ୍ନ ପାର୍ଥକ୍ୟକୁ ଏହି ଏକକ ଜରିଆରେ ତୁମେ ମଧ୍ୟ ଜାଣି ପାରିବ । ଆହୁରି ମଧ୍ୟ ଭୂଗୋଳର ବିଷୟ ବସ୍ତୁ ଓ ପଦ୍ଧତି ଏବଂ ସାମାଜିକ ବିଜ୍ଞାନର ଅନ୍ୟାନ୍ୟ ଭାଗ ମଧ୍ୟରେ ରହିଥିବା ସମାନତାକୁ ତୁମେ ଜାଣି ପାରିବ । ତତ୍ପରେ ଉଚ୍ଚ ପ୍ରାଥମିକ ସ୍ତରରେ ଭୂଗୋଳ ଶିକ୍ଷାଦାନର ଗୁରୁତ୍ୱକୁ ତୁମେ ଅନୁଭବ କରିପାରିବ । ତୁମେ ମଧ୍ୟ ଉଚ୍ଚ ପ୍ରାଥମିକ ସ୍ତରରେ ଭୂଗୋଳ ବିଷୟର ମୂଳାଧାର ଜାଣିବାର ସୁଯୋଗପ୍ରାପ୍ତ ହେବ । ଆହୁରି ମଧ୍ୟ ଏହି ଏକକରେ ତୁମେ ପରିବହନ ବିଷୟରେ ଏକ ନମୁନା ପାଠ ଯୋଜନା ବିଷୟରେ ଅବଗତ ହେବ ।

## ୪.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ ପରେ ତୁମେ ସକ୍ଷମ ହେବ:

-ଭୂଗୋଳ ଅଧ୍ୟୟନର ଆବଶ୍ୟକତା ସଂକ୍ରାନ୍ତ ଆଲୋଚନା କରିବାରେ

-ଭୂଗୋଳର ସ୍ୱରୂପ ବ୍ୟାଖ୍ୟାନ କରିବାରେ

-ଭୂଗୋଳ ବିଷୟବସ୍ତୁର ପର୍ଯ୍ୟାଲୋଚନା/ସମୀକ୍ଷଣ କରିବାରେ

-ଭୂଗୋଳର ବିଭିନ୍ନ ଶାଖାର ବର୍ଗୀକରଣ କରିବାରେ

-ସାମାଜିକ ବିଜ୍ଞାନରେ ଭୂଗୋଳର ସ୍ଥିତିର ଉପସ୍ଥାପନ କରିବାରେ

-ଉଚ୍ଚ ପ୍ରାଥମିକ ସ୍ତରରେ ଭୂଗୋଳ ଶିକ୍ଷାଦାନର ଯଥାର୍ଥତା ପ୍ରତିପାଦନ କରିବାରେ

-ଭୂଗୋଳ ପାଠ୍ୟ ଯୋଜନାର ନକ୍ସାଙ୍କନ କରିବାରେ ।

## ୪.୨. ଭୂଗୋଳ ଶିକ୍ଷାଦାନ-ଶିକ୍ଷଣର ଉଦ୍ଦେଶ୍ୟ

ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷାଦାନ ସମୟରେ ଇତିହାସ, ଭୂଗୋଳ, ଅର୍ଥନୀତି, ନାଗରିକ ବିଜ୍ଞାନ (ସମ୍ପ୍ରତି ଏହା ରାଜନୀତି ବିଜ୍ଞାନ)ର ପୃଥକ୍‌ପୃଥକ୍ ପୁସ୍ତକ ରହିଥିବା ତୁମେ ନିଶ୍ଚୟ ଜାଣିଛ । ବେଳେବେଳେ ଇତିହାସ, ଭୂଗୋଳ, ଅର୍ଥନୀତି ବିଷୟ ଥାଇ ଗୋଟିଏ ପୁସ୍ତକ ଥିବ ତ ଆଉ କେତେବେଳେ ଗୋଟିଏ ସାମାଜିକ ବିଜ୍ଞାନ ପୁସ୍ତକ ଥିବ ଯେଉଁଥିରେ ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ, ଅର୍ଥନୀତି ଓ ସମାଜ ବିଜ୍ଞାନର ସୀମା ପୃଥକ୍‌ଭାବେ ଦୃଷ୍ଟିଗୋଚର ହେଉନଥିବ, ସେଠାରେ ନିର୍ଦ୍ଦିଷ୍ଟ ସାମାଜିକ ବିଷୟବସ୍ତୁ ଓ ଘଟଣା ଅଧ୍ୟୟନ ପାଇଁ ଏହି ସବୁ ପୁସ୍ତକରୁ କିଛିକିଛି ବିଷୟ ଅଣାଯାଇ ପୃଥକ୍ ପୁସ୍ତକ କରାଯାଇଥିବ । ଆମ ରାଷ୍ଟ୍ରର ଅଧିକାଂଶ ରାଜ୍ୟରେ ସାମାଜିକ ବିଜ୍ଞାନ ପାଇଁ ଏକାଧିକ ପାଠ୍ୟପୁସ୍ତକ ରହିଛି ଏବଂ ସେହିସବୁ ବିଷୟକୁ ଶ୍ରେଣୀକକ୍ଷରେ ଶିକ୍ଷାଦାନ କରିବା ପାଇଁ ଜଣେ ମାତ୍ର ଶିକ୍ଷକ ନିଯୁକ୍ତ ହୋଇଥାନ୍ତି । ଏହି ପ୍ରକାର ସ୍ଥିତିରେ ତୁମେ ତୁମ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଭୂଗୋଳ ଅଧ୍ୟୟନ କରିନଥିଲେ ହେଁ ତୁମର ଅଭିଜ୍ଞତା ଓ ବାଧ୍ୟବାଧକତା ଯୋଗୁ ଶିକ୍ଷାଦାନ କରିଥାଅ । ଶିକ୍ଷାଦାନ ସମୟରେ ତୁମେ ନିଶ୍ଚୟ ଭାବରେ ପୃଥିବୀ ଓ ଏହାର ବିଭିନ୍ନ ଅଂଶରେ ସଂଘଟିତ ବିଭିନ୍ନ ଭୌଗୋଳିକ ପ୍ରକୃତିର ବିଭିନ୍ନ ଦୃଶ୍ୟ/ଘଟଣାକୁ ସାମ୍ନା କରିଥିବ ।

### ଶିକ୍ଷଣ କାର୍ଯ୍ୟ-୧

ଭୂଗୋଳ ବିଭାଗରେ ତୁମେ ଶିକ୍ଷାଦାନ କରୁଥିବା ବିଭିନ୍ନ ବିଷୟଗୁଡ଼ିକର ତାଲିକା ପ୍ରସ୍ତୁତ କର ?

------------------------------------------------------------------------------

------------------------------------------------------------------------------

------------------------------------------------------------------------------

------------------------------------------------------------------------------

ଟିପ୍ପଣୀ

ତୁମେ ତୁମ ଛାତ୍ରଛାତ୍ରୀଙ୍କୁ ପୃଥିବୀ, ସୌରଜଗତ, ବାୟୁମଣ୍ଡଳ, ବାରିମଣ୍ଡଳ, ଅଶ୍ମମଣ୍ଡଳ, ଭୂମିରୂପ, ଜଳବାୟୁ ଓ ପାଣିପାଗ, ପ୍ରାକୃତିକ ଓ ମାନବୀୟ ସମ୍ବଳ, ଅଞ୍ଚଳ, ଦେଶ, ମହାଦେଶ, ଅର୍ଥନୈତିକ କାର୍ଯ୍ୟକ୍ରମ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ ଓ ଯୋଗାଯୋଗ, ବିଭିନ୍ନ ବିଶ୍ୱସ୍ତରୀୟ ସମସ୍ୟା ଯଥା-ପାଗ ପରିବର୍ତ୍ତନ, ବିଶ୍ୱ ତାପନ, ମରୁଭୂମି ସୃଷ୍ଟି, ଏଲ୍‌ନିନୋ, ଜଳ ସମ୍ବଳ, ପ୍ରାକୃତିକ ବିପର୍ଯ୍ୟୟ, ଦାରିଦ୍ର୍ୟ, ବେକାରୀ, ପରିବେଶ ଅବକ୍ଷୟ ଏବଂ ଆହୁରି ଅନେକ ବିଷୟରେ ଶିକ୍ଷାଦାନ କରିଥିବ ।

ତୁମ ମନକୁ ନିଶ୍ଚୟ ଏକ ପ୍ରଶ୍ନ ଆସିଥାଇପାରେ ଯେ କ'ଣ ପାଇଁ ପିଲାମାନଙ୍କୁ ଏହି ସବୁ ବିଷୟରେ ଶିକ୍ଷାଦାନ କରାଯାଉଛି ? ଅନ୍ୟ ଶବ୍ଦରେ କହିଲେ, ଆମେ କାହିଁକି ଭୂଗୋଳ ପଢ଼ିବା ପ୍ରଶ୍ନ ଉଙ୍କି ମାରିଥିବ । ତୁମେ ଏକମତ ହେବ ଯେ ଜଣେ ମଣିଷଭାବରେ ମାନବଜାତି ଓ ଅନ୍ୟାନ୍ୟ ଜୀବସତ୍ତାର ବାସସ୍ଥାନ ଥିବା ପୃଥିବୀ ବିଷୟରେ ଜାଣିବା ପାଇଁ କୌତୁହଳ ସୃଷ୍ଟି ହେବା ସୁନିଶ୍ଚିତ । ଭୂଗୋଳ ଅଧ୍ୟୟନ ଜଣେ ବ୍ୟକ୍ତିକୁ ଆମ ଗ୍ରହନକ୍ଷତ୍ର ଓ ଏହାର ଜଗତ ବିଷୟରେ ବିସ୍ତୃତ ଜ୍ଞାନ ପ୍ରଦାନ କରେ । ଯେଉଁମାନେ ଭୂଗୋଳ ପଢ଼ନ୍ତି ଆମ ଗ୍ରହ ପୃଥିବୀକୁ ପ୍ରଭାବିତ କରୁଥିବା ସମସ୍ୟା ସମ୍ପର୍କରେ ଜାଣିପାରିଥାନ୍ତି । ଯେଉଁମାନେ ଭୂଗୋଳ ପଢ଼ନ୍ତି ସେମାନେ ଦେଶ-ଦେଶ, ସଂସ୍କୃତି, ସହର ଏବଂ ଦୁର୍ଗମ ଅଞ୍ଚଳ ଏବଂ ଦେଶ ମଧ୍ୟସ୍ଥ ଅଞ୍ଚଳରେ ସଂଘଟିତ ବିଶ୍ୱ ସ୍ତରର ରାଜନୈତିକ ପ୍ରସଙ୍ଗକୁ ଉତ୍ତମ ଭାବରେ ଅବଗତ ହେବା ସହ ବ୍ୟାଖ୍ୟା କରିପାରନ୍ତି । ଆମେ ଅବଗତ ଯେ ଆମ ଚତୁପାର୍ଶ୍ୱ ଦ୍ୱାରା ଆମ ଜୀବନ ବିଭିନ୍ନ ଭାବରେ ପ୍ରଭାବିତ । ଯେଉଁଥି ପାଇଁ ମଣିଷ-ପ୍ରକୃତି ସମ୍ପର୍କ ସମେତ ପରିବେଶ ଅଧ୍ୟୟନ ଗୁରୁତ୍ୱ ବହନ କରେ । ନିଜର ପ୍ରତିପୋଷଣ ପାଇଁ ଆମକୁ ଆଖପାଖରେ ବିଭିନ୍ନ ସମ୍ବଳ ଉପରେ ନିର୍ଭର କରିବାକୁ ପଡ଼େ । ସେହିସବୁ ପ୍ରାକୃତିକ ଓ ମାନବୀୟ ସମ୍ବଳର ବଣ୍ଟନ ବିଷୟରେ ଆମର ଜାଣିବା ଆବଶ୍ୟକ । ବିଶ୍ୱ ସ୍ତରରେ ଅଞ୍ଚଳ, ରାଜ୍ୟ ଓ ଦେଶ ବିଷୟରେ ଆମର ଜାଣିବା ଆବଶ୍ୟକ । ପରିପୋଷଣୀୟ ବିକାଶ ପାଇଁ ଅଞ୍ଚଳ ଓ ରାଷ୍ଟ୍ରର ପାରସ୍ପରିକ ନିର୍ଭରଶୀଳତାକୁ ଆମେ ବୁଝିବା ଦରକାର । ସ୍ଥାନ ବିଶେଷରେ ସଂଘଟିତ ବିଭିନ୍ନ ପ୍ରକ୍ରିୟାକୁ ଆମେ ବୁଝିବା ଜରୁରୀ । ବିଭିନ୍ନ ଦେଶ ଓ ଲୋକମାନଙ୍କ ବିଷୟରେ ଆମେ ଜାଣିବା ଆବଶ୍ୟକ । ସମୟ କ୍ରମେ ସଂଘଟିତ ପରିବର୍ତ୍ତନକୁ ମଧ୍ୟ ଆମେ ବୁଝିବା ଦରକାର । ଆମ ଦୈନନ୍ଦିନ ଜୀବନରେ ଆମେ ଗ୍ରହଣ କରୁଥିବା ପ୍ରତ୍ୟେକ ନିଷ୍ପତ୍ତି ଯଥା- ସ୍ଥାନ ଚୟନ, ବଜାର କ୍ଷେତ୍ରକୁ ଗୁରୁତ୍ୱ, ବିତରଣ ସଂଚାର ଯୋଜନା, ଜରୁରୀକାଳୀନସ୍ଥିତିର ସାମ୍ନା କରିବା ଇତ୍ୟାଦିରେ ଭୂଗୋଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନତାକୁ ଆପଣାଇବା ଏବଂ ସମୟ ଓ ସ୍ଥାନ ଅନୁସାରେ ସେହିସବୁ ବିଭିନ୍ନତା ପାଇଁ ଦାୟୀର କାରଣ ଖୋଜିବାରେ ଭୂଗୋଳ ଜ୍ଞାନ ପ୍ରଦାନ କରିଥାଏ । ଏଣୁ ସାମାଜିକ ବିଜ୍ଞାନର ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଆମେ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ।

## ୪.୩ ଭୂଗୋଳ ଉପରେ ପ୍ରତିଫଳନ

ଆମେ କାହିଁକି ଭୂଗୋଳ ପଢ଼ିବା ତୁମେ ପୂର୍ବ ଭାଗରେ ଜାଣିଲ । ବର୍ତ୍ତମାନ ପରବର୍ତ୍ତୀ ପ୍ରଶ୍ନ ତୁମେ କରିପାର: ଭୂଗୋଳ କ'ଣ ? ଭୂଗୋଳ କିପରି କାର୍ଯ୍ୟ କରେ ? ଏହି ଭାଗରେ ତୁମେ ଭୂଗୋଳର ଗୁଣଗୁଡିକ ବିଷୟରେ ଅବଗତ ହେବ । ତୁମେ ଜାଣିଛ ଯେ ସାମାଜିକ ବିଜ୍ଞାନର ବିଷୟ ବିଭିନ୍ନ ଭାଗରୁ ଅଣାଯାଇଛି । ସେହି ପରି ଏକ ଭାଗ ହେଲା ଭୂଗୋଳ । ଏହାର ସୁଦୀର୍ଘ ଇତିହାସ ରହିଛି । ୨୨୦୦ ବର୍ଷ ଧରି ଭୂଗୋଳ ପ୍ରଚଳିତ । ଗ୍ରୀସ୍‌ର୍ ଏରାଟୋସ୍ଥିନ୍‌ସ (ଖ୍ରୀ.ପୂ. ୨୭୬-୧୯୪) ଭୂଗୋଳ ଶବ୍ଦର ନାମକରଣ କରିଥିବା ଅନୁମାନ କରାଯାଏ । ଆକ୍ଷରିକ ଅର୍ଥରେ ଏହି ଶବ୍ଦ ଗ୍ରୀକ୍ ଭାଷାର ଦୁଇଟି ମୂଳଶବ୍ଦରୁ ସୃଷ୍ଟି-ଗୋଟିଏ ହେଲା ଜିଓ (ପୃଥିବୀ) ଏବଂ ଅନ୍ୟଟି ଗ୍ରାଫୋସ୍ (ବର୍ଣ୍ଣନା) । ଦୁଇଟି ଶବ୍ଦର ମିଶ୍ରଣରୁ ଜିଓଗ୍ରାଫୀ ସୃଷ୍ଟି; ଯାହାର ଅର୍ଥ ପୃଥିବୀ ସଂକ୍ରାନ୍ତ ବର୍ଣ୍ଣନା । ପୂର୍ବ ଭାଗରେ ଏହା କୁହାଯାଇଥିଲା ଯେ ପୃଥିବୀକୁ ଆମର ବାସସ୍ଥାନ ଭାବରେ ଆମେ ବୁଝିବା ଦରକାର । ପୃଥିବୀ ପୃଷ୍ଠରେ ଏହାର ଭୌତିକ ପରିବେଶ ତଥା ସାଂସ୍କୃତିକ ପରିବେଶରେ ଅନେକ ଭିନ୍ନତା ରହିଥିବା ତୁମେ କେବେ ଲକ୍ଷ୍ୟ କରିଛ କି ?

ଟିପ୍ପଣୀ

**ଶିକ୍ଷଣ କାର୍ଯ୍ୟ-୨**

ପୃଥିବୀର ଉପରିଭାଗ (ଭୂତ୍ୱକ୍)ର ଭୌତିକ ତଥା ସାଂସ୍କୃତିକ ପରିବେଶରେ ଥିବା ବିଭିନ୍ନ ତାରତମ୍ୟଗୁଡ଼ିକର ତାଲିକା ପ୍ରସ୍ତୁତ କର ?

ଭୌତିକ ପରିବେଶ:-

--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------
--------------------------------------------------

ସାଂସ୍କୃତିକ ପରିବେଶ:-

--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------
--------------------------------------------------

ପୃଥିବୀ ପୃଷ୍ଠରେ ଏହାର ଭୌତିକ ପରିବେଶ ତଥା ସାଂସ୍କୃତିକ ପରିବେଶରେ ରହିଥିବା ଅନେକ ଭିନ୍ନତାର ତୁମେ ତାଲିକା ପ୍ରସ୍ତୁତ କରିଛ । ତୁମେ ନିଶ୍ଚିତ ଲକ୍ଷ୍ୟ କରିଥିବ ଯେ ଅନେକ ପ୍ରକ୍ରିୟା ସମାନ ଓ ଆଉ କେତେକ ଅସମାନ । ତୁମେ ଆହୁରି ମଧ୍ୟ ଲିପିବଦ୍ଧ କରିଛ ଯେ ସେହିସବୁ ପ୍ରକ୍ରିୟା ସ୍ଥାନ ବିଶେଷରେ ଭିନ୍ନଭିନ୍ନ ବା ଅନ୍ୟ ଅର୍ଥରେ କହିବାକୁ ଗଲେ ଭୂମିରୂପ, ଜଳବାୟୁ, ପରିବେଶ, ପ୍ରାକୃତିକ ଓ ମାନବୀୟ ସମ୍ବଳ ଓ ସଂସ୍କୃତି କ୍ଷେତ୍ରରେ ଏହା ସ୍ଥାନ ବିଶେଷରେ ଭିନ୍ନଭିନ୍ନ ହୋଇଥାଏ । ତୁମେ ଏବେ ଯୁକ୍ତି ବାଢ଼ି ପାରିବ, ଭୂଗୋଳ 'କ୍ଷେତ୍ରୀୟ ପ୍ରଭେଦୀକରଣ'ର ଅଧ୍ୟୟନ । ଭୂଗୋଳରେ ଆମେ କେବଳ ସ୍ଥାନ ଭାବରେ ପରିଚିତ ପୃଥିବୀ ପୃଷ୍ଠରେ ହେଉଥିବା ଘଟଣାବଳୀର ଭିନ୍ନତାକୁ ଅଧ୍ୟୟନ କରିନଥାଉ ବରଂ ବିଭିନ୍ନତାର କାରଣ ପାଇଁ ଦାୟୀ କାରକମାନଙ୍କ ସମ୍ପର୍କରେ ମଧ୍ୟ ଅଧ୍ୟୟନ କରିଥାଉ । ଉଦାହରଣ ସ୍ୱରୂପ, ଜନସଂଖ୍ୟାର ଘନତ୍ୱ ଅଞ୍ଚଳକୁ ଅଞ୍ଚଳ ଭିନ୍ନ ହୋଇଥାଏ ମାତ୍ର ଏକ ପ୍ରକ୍ରିୟା ଭାବରେ ଏହି ଜନସଂଖ୍ୟାର ଘନତ୍ୱରେ ଭିନ୍ନତା ଭୌତିକ ବୈଶିଷ୍ଟ୍ୟ, ଜଳବାୟୁ, ମୃତ୍ତିକା, ପ୍ରାକୃତିକ ପରିବେଶ, ଖଣିଜ ସମ୍ବଳର ଉପଲବ୍ଧତା, ଧର୍ମ, ଖାଦ୍ୟ ଅଭ୍ୟାସ, ସଂସ୍କୃତି ଏବଂ ଲୋକମାନଙ୍କ ଶିକ୍ଷାଲାଭ ସ୍ତର ଇତ୍ୟାଦି ସହ ସମ୍ବନ୍ଧିତ । ଏଣୁ ଦୁଇ ବା ତତୋଧିକ ପ୍ରକ୍ରିୟା ମଧ୍ୟରେ ରହିଥିବା ସମ୍ପର୍କର କାରଣ ଖୋଜିବା ଭୂଗୋଳର ପ୍ରସଙ୍ଗ । ଚାଲ ଏନ୍‌ସିଇଆର୍‌ଟିର ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଭୂଗୋଳ ପାଠ୍ୟପୁସ୍ତକକୁ ଦେଖିବା ।

-ଆମାଜନ୍ ଅବବାହିକାରେ ଜଙ୍ଗଲ ନଷ୍ଟର ବ୍ୟାପକ ପ୍ରଭାବ ରହିଛି । ଉପର ମୃତ୍ତିକା ବୃଷ୍ଟିପାତ ଯୋଗୁ ଧୋଇଯାଏ ଏବଂ ରସାଳ ଜଙ୍ଗଲ ନଷ୍ଟ ହୋଇ ଅନୁର୍ବର ଜମିରେ ପରିଣତ ହେଉଛି । (ସପ୍ତମ ଶ୍ରେଣୀ-ଅଷ୍ଟମ ଅଧ୍ୟାୟ-ପରିବେଶ ପ୍ରତିକ୍ରିୟା) ଏହି ଘଟଣାର କାରଣ ଓ ପ୍ରଭାବ ସମ୍ପର୍କକୁ ତୁମେ ଲେଖି ପାରିବ କି ?

-ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ଫସଲ ହୋଇଥାଏ (ଶ୍ରେଣୀ ଅଷ୍ଟମ-ବିଷୟ ଚତୁର୍ଥ-କୃଷି) । ଭୂଗୋଳରେ ଆମେ କାରଣ ଖୋଜିବାକୁ ଚେଷ୍ଟା କରୁ । ଜଣେ ଭୂଗୋଳବିତ୍ ଏହି ସବୁ ଘଟଣାକୁ କାରଣ ଓ ପ୍ରଭାବ ସମ୍ପର୍କ ଜରିଆରେ ବ୍ୟାଖ୍ୟା କରନ୍ତି । ଏହା ଘଟଣାଗୁଡ଼ିକୁ ଉପସ୍ଥାପନ କରିବାରେ ସାହାଯ୍ୟ କରିନଥାଏ; ଭବିଷ୍ୟତ ପାଇଁ ଏହାକୁ ଉପଯୋଗ ମଧ୍ୟ କରାଯାଏ ।

ତୁମେ ନିଶ୍ଚିତ ଲକ୍ଷ୍ୟ କରିଥିବ ଯେ ଆମେ ଏକ ସକ୍ରିୟ ସଦା ପରିବର୍ତ୍ତନଶୀଳ ବିଶ୍ୱ ଓ ସମାଜରେ ବାସ କରୁଛେ । ଭୌଗୋଳିକ ଘଟଣା ଉଭୟ ଭୌତିକ ଓ ମାନବୀୟ ସ୍ଥିର ନୁହନ୍ତି, ଏଗୁଡ଼ିକ ସର୍ବଦା କ୍ରିୟାଶୀଳ । ସେମାନେ ପରିବର୍ତ୍ତିତ ହୋଇଥାନ୍ତି; ମାତ୍ର ପରିବର୍ତ୍ତନର ଧାରା ଦ୍ରୁତ ବା ମନ୍ଥର ହୋଇଥାଏ ।

**ଶିକ୍ଷଣ କାର୍ଯ୍ୟ-୩**

ଗତ ଦୁଇ ଦଶନ୍ଧି ମଧ୍ୟରେ ତୁମ ଆଖପାଖରେ ତୁମେ ନିରୀକ୍ଷଣ କରିଥିବା ପରିବର୍ତ୍ତନଗୁଡ଼ିକର ତାଲିକା ପ୍ରସ୍ତୁତ କର ?

ପୃଷ୍ଠଭୂମି / ପୃଷ୍ଠତଳ -
ତାପମାତ୍ରା-
ବୃଷ୍ଟିପାତ-
ମୃତ୍ତିକାର ଗୁଣବତ୍ତା-
ପ୍ରାକୃତିକ ଜନଜୀବନ-
ବନ୍ୟପ୍ରାଣୀ-
ଲୋକ-
ଖାଦ୍ୟାଭ୍ୟାସ-
ପରିଧାନ-
ପ୍ରଯୁକ୍ତିବିଦ୍ୟା-
ପରିବହନ ସୁବିଧା-
ଯୋଗାଯୋଗ ସୁବିଧା-
ବାଣିଜ୍ୟ-

ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ଏକ ସମୟ ଅବଧିରେ କୌଣସି ଘଟଣା ସ୍ଥିର ହୋଇ ରହିନଥାଏ, ଦୁଇ ଦଶନ୍ଧିର ଅବଧିରେ ସେମାନେ ବଦଳି ଥାନ୍ତି । ବର୍ତ୍ତମାନ ତୁମେ କହିପାରିବ କି ଏହି ପରିବର୍ତ୍ତନ କାହିଁକି ଘଟେ? ଏହା ସଦା ପରିବର୍ତ୍ତନଶୀଳ ପୃଥିବୀ ଏବଂ ଅକ୍ଳାନ୍ତ ତଥା ସଦା କର୍ମଚଞ୍ଚଳ ମଣିଷ ମଧ୍ୟରେ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା ପାଇଁ ଘଟିଥାଏ କି ? ନା ଏହାର ଅନ୍ୟ କୌଣସି କାରଣ ରହିଛି ? ତୁମେ ଅନୁଭବ କରୁଥିବ ଯେ ପ୍ରକୃତି ମାନବ ଜୀବନର ବିଭିନ୍ନ ଦିଗକୁ ପ୍ରଭାବିତ କରିଥାଏ । ଏହାର ପ୍ରଭାବ ଖାଦ୍ୟ, ପୋଷାକ, ବାସଗୃହ ଓ ବୃତ୍ତିରୁ ସ୍ପଷ୍ଟ ବାରି ହୋଇପଡ଼େ । ମାନବ ସାଲିସ୍ ଓ ପରିବର୍ତ୍ତନ ଜରିଆରେ ପ୍ରକୃତି ସହ ତାଳ ମିଳାଇ ଚାଲେ । ଏଣୁ ଏହା ଭୂଗୋଳର ଆଉ ଏକ ବିଶେଷତ୍ୱ । ବର୍ତ୍ତମାନ ଆମେ ଟିପ୍ପଣୀ କରିପାରିବା, ମାନବ ଓ ସେମାନଙ୍କର ପରିବେଶ ମଧ୍ୟରେ ପାରସ୍ପରିକ ସମ୍ପର୍କର ଅଧ୍ୟୟନ ହିଁ ଭୂଗୋଳ ।

ଅନ୍ୟ ସାମାଜିକ ବିଜ୍ଞାନଠାରୁ ଭୂଗୋଳର ବିଷୟବସ୍ତୁ ଭିନ୍ନ । ଏକ ପାଠ୍ୟକ୍ରମ ଭାବରେ ଭୂଗୋଳର ସମ୍ପର୍କ ସ୍ଥାନ ସହ ରହିଛି ଏବଂ ତେଣୁ ଏହାକୁ ସ୍ଥାନ ନିର୍ଦ୍ଧାରଣ ବିଜ୍ଞାନ ମଧ୍ୟ କୁହାଯାଏ । ଭୂଗୋଳ ଘଟଣାବଳୀ କ'ଣ, କାହିଁକି ଓ କିପରି ପ୍ରଶ୍ନର ଉତ୍ତର ଦେଇଥାଏ । ପୃଥିବୀ ପୃଷ୍ଠରେ ପରିଦୃଷ୍ଟ ଘଟଣାର ବୈଶିଷ୍ଟ୍ୟ, ଘଟଣାବଳୀ ଓ ପ୍ରକ୍ରିୟା କ'ଣ ବୋଲି ଆମେ ପ୍ରଶ୍ନ କରୁ । ଉଭୟ କେଉଁଠାରେ ଏବଂ କ'ଣ ପ୍ରଶ୍ନର ଉତ୍ତର ପ୍ରାକୃତିକ ଓ ସାଂସ୍କୃତିକ ଘଟଣାବଳୀର ଆବଣ୍ଟିତ ଓ ସ୍ଥାନିତ ଦିଗକୁ ଦର୍ଶାଏ । ଏହି ସବୁ ପ୍ରଶ୍ନାବଳୀ ଘଟଣାର ବୈଶିଷ୍ଟ୍ୟ କ'ଣ ଏବଂ କେଉଁଠାରେ ଘଟିଛି ସୂଚନା ପ୍ରଦାନ କରେ । ଔପନିବେଶବାଦ ସମୟରେ ଏହା ଏକ ଲୋକପ୍ରିୟ ପଦ୍ଧତି ଥିଲା । ଏହି ଦୁଇଟି ପ୍ରଶ୍ନ ଭୂଗୋଳକୁ ବିଜ୍ଞାନ ପାଠ କରିନଥିଲା । ତୃତୀୟ ପ୍ରଶ୍ନ 'କାହିଁକି' ବୈଶିଷ୍ଟ୍ୟ, ପ୍ରକ୍ରିୟା ଓ ଘଟଣାବଳୀ ମଧ୍ୟରେ କାରଣଗତ ସମ୍ପର୍କ ବର୍ଣ୍ଣନା କରୁଥିଲା । ଏହି କାହିଁକି ପ୍ରଶ୍ନ ଭୂଗୋଳକୁ ବୈଜ୍ଞାନିକ ପାଠର ପରିଚୟ ପ୍ରଦାନ କରିଥିଲା । ଆଜିର ଦିନରେ ବିଭିନ୍ନ ବୈଜ୍ଞାନିକ ଜ୍ଞାନକୌଶଳ ଯଥା-ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆଇଏସ୍), ରିମୋଟ୍ ସେନ୍‌ସିଂ ଏବଂ କମ୍ପ୍ୟୁଟର ସହାୟତାରେ ମାନଚିତ୍ର ପ୍ରସ୍ତୁତି କୌଶଳ ବୈଶିଷ୍ଟ୍ୟ, ପ୍ରକ୍ରିୟା ଓ ଘଟଣାବଳୀ ମଧ୍ୟରେ ସମ୍ପର୍କରର ବ୍ୟାଖ୍ୟାନ କରିବାରେ ସହାୟତା ପ୍ରଦାନ କରୁଛି । ଯାହା ଫଳରେ ଭୂଗୋଳ ଡିଜିଟାଲ ବିଶ୍ୱ ଦିଗରେ ଅଗ୍ରସର ହେଉଛି ଏବଂ ବ୍ୟାଖ୍ୟାନ, ବୁଝାମଣା ଓ କାରଣଗତ ସମ୍ପର୍କ ଆଶା କରୁଛି ।

ଭୂଗୋଳ ପୃଥିବୀ ପୃଷ୍ଠର ସ୍ଥାନିକ ଭିନ୍ନତାର ବର୍ଣ୍ଣନା ଓ ବ୍ୟାଖ୍ୟାନ ସହ ସମ୍ପୃକ୍ତ ।

**-ରିଚାର୍ଡ୍ ହାର୍ଟସୋର୍ଣ୍ଣ**

ଟିପ୍ପଣୀ

ପୃଥିବୀ ପୃଷ୍ଠର ବିଭିନ୍ନ ଭାଗ ସହ ସମ୍ବନ୍ଧିତ ଘଟଣାବଳୀର ଭିନ୍ନତାକୁ ଭୂଗୋଳ ଅଧ୍ୟୟନ କରିଥାଏ ।

**- ହେଟ୍‌ମେର**

ଏକ ପାଠ୍ୟକ୍ରମ ଯାହାର ପରିସର ସ୍ଥାନ ଓ ଖାଲିସ୍ଥାନ ଏବଂ ଯାହା କିଛି ଘଟେ ସେମାନଙ୍କ ମଧ୍ୟରେ ଘଟିଥାଏ ଅଥବା ସେମାନଙ୍କ ଆଭିମୁଖ୍ୟକୁ ଦର୍ଶାଏ ଅଥବା ତନ୍ମଧ୍ୟରେ ପ୍ରବାହିତ ହୋଇଥାଏ । ଲୋକ, ଜଳ, ବିଶ୍ୱାସ, ଡିଜିଟାଲ ଡାଟା ଗୋଟିଏ ଗୋଟିଏ ପରିବ୍ୟାପ୍ତ ଏବଂ ଏକ ବୈଷମ୍ୟ ହୋଇପାରେ ।

**-ପିଟର ମୋନାଘାନ୍**

ଆମେ ଯେତେବେଳେ ଭୂଗୋଳର ବିଶେଷତ୍ୱ ଦେଖୁ ସେତେବେଳେ ନିର୍ଦ୍ଦିଷ୍ଟ  ଗୁଣ ପରିପ୍ରକାଶ ହୋଇଥାଏ । ଆମେ ସେହିପରି କେତେକ ପ୍ରମୁଖ ଗୁଣ ଉପରେ ଆଲୋକପାତ କରିବା ।

ଭୂଗୋଳରେ ସ୍ଥାନ ବା ଏକ ନିର୍ଦ୍ଦିଷ୍ଟ ପରିବେଶର ଯତ୍ନଶୀଳ ପର୍ଯ୍ୟବେକ୍ଷଣ/ପରୀକ୍ଷଣ/ବର୍ଣ୍ଣନ ଗୁରୁତ୍ୱପୂର୍ଣ୍ଣ ଅଟେ । ଆଜି ପର୍ଯ୍ୟନ୍ତ, ଅଧିକାଂଶ ଭୌଗୋଳିକ କାର୍ଯ୍ୟ କ୍ଷେତ୍ର କାର୍ଯ୍ୟ ଉପରେ ପର୍ଯ୍ୟବେଶିତ । ଏକ ସ୍ଥାନର ଅବସ୍ଥିତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏକ ସ୍ଥାନର ଅବସ୍ଥିତିକୁ ପ୍ରକୃତ ବା ଆପେକ୍ଷିକ ଅର୍ଥରେ ଅଧ୍ୟୟନ କରାଯାଇଥାଏ । ଆମେ ମଧ୍ୟ ସେହିସ୍ଥାନର ବିଶେଷତ୍ୱକୁ ତାହାର ଭୌତିକ ଓ ମାନବୀୟ ଦିଗ ସହିତ ଅଧ୍ୟୟନ କରୁ ।

ଭୂଗୋଳରେ ଆମେ ଜୈବମଣ୍ଡଳ, ବାୟୁମଣ୍ଡଳ ଏବଂ ବାରିମଣ୍ଡଳର ପ୍ରକ୍ରିୟା ଓ ପ୍ରକାର ଉପରେ ଧ୍ୟାନ ଦେଇଥାଉ । ବେଳେବେଳେ ଭୂମିରୂପ ଏବଂ ଏହା ଉପରେ ପ୍ରକୃତି ଓ ମାନବକୃତ ଉପାଦାନର ପ୍ରଭାବ ପ୍ରତି ମଧ୍ୟ ଆମେ ଧ୍ୟାନ ଦେଇଥାଉ ।

ଭୂଗୋଳରେ ଆମେ ମଣିଷ-ପରିବେଶ ପାରସ୍ପରିକ କ୍ରିୟାକୁ ବୁଝିବାକୁ ଚେଷ୍ଟାକରୁ ଏବଂ ମାନବ କ୍ରିୟାକଳାପକୁ କିପରି ପରିବେଶ ରୂପ ଦେଉଛି ଓ ପରିବେଶକୁ କିପରି ମାନବ କ୍ରିୟାକଳାପ ରୂପ ଦେଉଛି ଦେଖୁ । ଅନ୍ୟ ଶବ୍ଦରେ କହିଲେ, ପ୍ରାକୃତିକ ପରିବେଶ ସହ ଲୋକମାନେ କିପରି ବ୍ୟବହାର କରିଥାନ୍ତି । ଲୋକମାନେ ପରିବେଶକୁ ଗ୍ରହଣ କରନ୍ତି ଅଥବା ଏହାକୁ ପରିବର୍ତ୍ତନ କରନ୍ତି ବା ପରିବେଶ ଉପରେ ନିର୍ଭରଶୀଳ ହୋଇଥାନ୍ତି ? ସ୍ଥାନ ସହ ସମ୍ପର୍କ ବିଶେଷକରି ସ୍ଥାନର ସୃଷ୍ଟି ଓ ବିକାଶ ଅଧିକ ଧ୍ୟାନ ଆକର୍ଷଣ କରିଛି । ଲୋକ ଓ ସାମଗ୍ରୀର ସ୍ଥାନାନ୍ତରଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

କ୍ଷେତ୍ର ଅଧ୍ୟୟନ ଏକ ଅଞ୍ଚଳର ବିଶେଷ ଗୁଣ, ଅଦ୍ୱିତୀୟ ଗୁଣବତ୍ତା ଖୋଜିବା ଓ ଗୋଟିଏ ଅଞ୍ଚଳକୁ ଅନ୍ୟ ଅଞ୍ଚଳ ସହ ତୁଳନା କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ । ଅଞ୍ଚଳଗୁଡ଼ିକ କିପରି ସୃଷ୍ଟି ହୁଅନ୍ତି ଏବଂ କିପରି ସେମାନେ ପରିବର୍ତ୍ତିତ ହୋଇଥାନ୍ତି ଜାଣିବାକୁ ମାନବ ନିରନ୍ତର ଇଚ୍ଛୁକ । ଅଞ୍ଚଳ ଅଧ୍ୟୟନ ସାଧାରଣ ଗୁଣଥିବା ଅଞ୍ଚଳ ଯଥା-ଶୁଷ୍କାଞ୍ଚଳ ବା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଯେମିତିକି ଦକ୍ଷିଣ ପୂର୍ବ ଏସୀୟ କ୍ଷେତ୍ର ।

ଭୌଗୋଳିକ ଆବଣ୍ଟନର ଏକ ଉପାଦାନ ଓ ପ୍ରକାର ମଧ୍ୟରେ ସମ୍ପର୍କକୁ ସ୍ଥାନନିର୍ଦ୍ଧାରଣ ପର୍ଯ୍ୟବେକ୍ଷଣ ଅନୁଧ୍ୟାନ କରେ । ଏହା ମଧ୍ୟ ଖାଲିସ୍ଥାନରେ ଗତାଗତକୁ ଅଧ୍ୟୟନ କରେ । ଲୋକ, ସାମଗ୍ରୀ ଓ ବିଚାର କିପରି ଭାବରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର(ବିଚରଣ) ହୋଇଥାନ୍ତି ଏହା ବୁଝିବାକୁ ଚେଷ୍ଟା କରେ ।

ଏବେ ଆମେ ଭୂଗୋଳକୁ ନିମ୍ନମତେ ଚିତ୍ରଣ କରିପାରିବା:-

-ଏକ ପାଠ୍ୟକ୍ରମ ଭାବରେ ଭୂଗୋଳ ସ୍ଥାନ ସହ ସମ୍ବନ୍ଧିତ ଏବଂ ସ୍ଥାନିକ ବିଶେଷତ୍ୱ ଓ ଗୁଣକୁ ବହନ କରେ ।

-ଏହା ଏକ ସ୍ଥାନରେ ଘଟଣାବଳୀର ଆବଣ୍ଟନ, ଅବସ୍ଥିତି ଓ ଏକୀକୃତର ଢାଞ୍ଚାକୁ ଅଧ୍ୟୟନ, ଉପସ୍ଥାପନ କରେ ଏବଂ ସେହିସବୁ ଢାଞ୍ଚା ପାଇଁ ବ୍ୟାଖ୍ୟାନ ଠାବ କରେ ।

- ମାନବ ଓ ସେମାନଙ୍କ ଭୌତିକ ପରିବେଶର ଗତିଶୀଳ ପ୍ରତିକ୍ରିୟାରୁ ସୃଷ୍ଟ ଘଟଣାବଳୀ ମଧ୍ୟରେ ସଂଗଠନ ଓ ଆନ୍ତଃ ସମ୍ପର୍କକୁ ଦର୍ଶାଏ ।



ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ -୧**

୧-ଭୂଗୋଳ କ'ଣ ?

------------------------------------------------------------------------
------------------------------------------------------------------------
------------------------------------------------------------------------
------------------------------------------------

୨-ଭୂଗୋଳ ଅଧ୍ୟୟନର କାରଣଗୁଡ଼ିକୁ ବର୍ଣ୍ଣନା କର ?

------------------------------------------------------------------------
------------------------------------------------------------------------
------------------------------------------------------------------------
------------------------------------------------

୩- ତୁମ ଭୂଗୋଳ ପାଠ୍ୟପୁସ୍ତକରୁ ଭୂଗୋଳର ବିଶେଷତ୍ୱ ପ୍ରତିଫଳନ କରୁଥିବା ଯେକୌଣସି ଦୁଇଟି ଲେଖାଏଁ ଉଦାହରଣ ପ୍ରଦାନ କର-

(କ) ଭୂଗୋଳ ସ୍ଥାନ ସମ୍ପର୍କିତ ଏକ ପାଠ୍ୟକ୍ରମ ଏବଂ ସାଂକ୍ଷିକ ବିଶେଷତ୍ୱ ଓ ଗୁଣାବଳୀକୁ ବୁଝାଏ ।

------------------------------------------------------------------------
------------------------------------------------------------------------
------------------------------------------------------------------------
------------------------------------------------

(ଖ) ଏହା ସ୍ଥାନ ସଂକ୍ରାନ୍ତ ଘଟଣାବଳୀର ଆବଣ୍ଟନ, ସ୍ଥାନ ନିର୍ଦ୍ଧାରଣ ଏବଂ ଏକୀକରଣ ଢାଞ୍ଚାର ଅଧ୍ୟୟନ କରେ ଓ ଏହିସବୁ ଢାଞ୍ଚା ବ୍ୟାଖ୍ୟାନକୁ ଅନୁଧ୍ୟାନ କରେ-

------------------------------------------------------------------------
------------------------------------------------------------------------
------------------------------------------------------------------------
------------------------------------------------

(ଗ) ମାନବଜାତି ଓ ସେମାନଙ୍କ ଭୌତିକ ପରିବେଶର ସକ୍ରିୟ ସମ୍ପର୍କରୁ ସୃଷ୍ଟ ଘଟଣାର ମିଶ୍ରଣ ଓ ପାରସ୍ପରିକ ସମ୍ପର୍କକୁ ଏହା ଦର୍ଶାଏ-

------------------------------------------------------------------------
------------------------------------------------------------------------
------------------------------------------------------------------------
------------------------------------------------

## ୪.୪. ଭୂଗୋଳ ଶିକ୍ଷାଦାନର ପନ୍ଥା ସମୂହ

ଭୂଗୋଳ ଶିକ୍ଷାଦାନ ସମୟରେ ତୁମେ ନିଶ୍ଚିତ ଭାବରେ ଅନୁଭବ କରୁଥବ ଯେ ଅନେକ ବିଷୟ ରହିଛି ଯାହା ଅନ୍ୟାନ୍ୟ ପାଠ୍ୟକ୍ରମରେ ମଧ୍ୟ ଶିକ୍ଷାଦାନ କରାଯାଉଥିବ । ଉଦାହରଣ ସ୍ୱରୂପ ଲୋକ ଓ ସମାଜ ସଂକ୍ରାନ୍ତ ଅଧ୍ୟୟନ

ଟିପ୍ପଣୀ

ସମାଜବିଜ୍ଞାନରେ କରାଯାଉଥିବ । ବୃକ୍ଷଲତା ସଂକ୍ରାନ୍ତ ଅଧ୍ୟୟନ ଉଭିଦବିଜ୍ଞାନରେ ହେଉଥିବ, ପୃଥିବୀ ସଂକ୍ରାନ୍ତ ଅଧ୍ୟୟନ ଭୂତତ୍ତ୍ୱ ବିଜ୍ଞାନରେ ହେଉଥିବ । ଭୂଗୋଳର ବିଷୟବସ୍ତୁକୁ ଲକ୍ଷ୍ୟକଲେ ଜଣାପଡ଼ିବ ଯେ ଏହା କେବଳ ଭୌତିକ ବା ପ୍ରାକୃତିକ ବିଜ୍ଞାନରୁ ନୁହେଁ ବରଂ ସାମାଜିକ ବିଜ୍ଞାନ ଏବଂ ବୈଷୟିକ ବିଜ୍ଞାନରୁ ଆନୀତ । ଏଣୁ ଭୂଗୋଳ ଏକ ମିଶ୍ରିତ /ଏକୀକୃତ / ମିଶାମିଶି ବିଜ୍ଞାନ ଏବଂ ଜ୍ଞାନର ଏକ ସମ୍ମିଳିତ ଅଂଶ ।

ବିଜ୍ଞାନର ଅନ୍ୟ ସମ୍ବନ୍ଧିତ ଅଂଶରେ ଭୂଗୋଳର ପ୍ରତ୍ୟେକ ବିଶେଷ କ୍ଷେତ୍ର ରହିଛି । ପରବର୍ତ୍ତୀ ଭାଗରେ ଆମେ ଭୂଗୋଳର ପରିସର ବିଷୟରେ ଆଲୋଚନା କରିବା ।

ପୂର୍ବ ଅଧ୍ୟାୟରେ ଆମେ ସମୀକ୍ଷା କଲୁ ଓ ବୁଝିଲୁ ଯେ ଭୂଗୋଳ ପାଠ୍ୟକ୍ରମ ବିଷୟବସ୍ତୁ, ଭୂତତ୍ତ୍ୱବିଜ୍ଞାନ, ଜଳବାୟୁ ବିଜ୍ଞାନ, ଜଳ ବିଜ୍ଞାନ, ଶିଳା ବିଜ୍ଞାନ, ଜୀବବିଜ୍ଞାନ, ଉଭିଦବିଜ୍ଞାନ ଏବଂ ସାମାଜିକ ବିଜ୍ଞାନ ଯଥା ଅର୍ଥନୀତି, ଜନସଂଖ୍ୟା ଅଧ୍ୟୟନ, ରାଜନୀତିବିଜ୍ଞାନ, ଇତିହାସ, ଦର୍ଶନ, ନୃତତ୍ତ୍ୱବିଜ୍ଞାନ ଏବଂ ସମାଜ ବିଜ୍ଞାନରୁ ଅଣାଯାଇଛି । ଶେଷରେ ଏତିକି କୁହାଯାଇ ପାରେଯେ ଭୂଗୋଳ ଏକ ଆନ୍ତଃବିଷୟକ ଏବଂ ବିବିଧବିଷୟର ଅଧ୍ୟୟନ । ପ୍ରତ୍ୟେକ ବିଷୟକୁ ଏକ ବା ଏକାଧିକ ପନ୍ଥାରେ ଅଧ୍ୟୟନ କରାଯାଇ ପାରିବ । ଭୂଗୋଳ ଅଧ୍ୟୟନ କଥା ଉଠିଲେ ଦୁଇଟି ପ୍ରମୁଖ ପନ୍ଥା ସମ୍ମୁଖକୁ ଆସେ:-

-**ବ୍ୟବସ୍ଥିତ ପନ୍ଥା**: ଏକ ବ୍ୟବସ୍ଥିତ ପନ୍ଥାରେ ଏକ ଘଟଣାକୁ ପୂର୍ଣ୍ଣ ରୂପେ ଅଧ୍ୟୟନ କରାଯାଇଥାଏ । ଏହାକୁ ବିଷୟଗତ ପନ୍ଥା ମଧ୍ୟ କୁହାଯାଏ । ଏହା ଜରିଆରେ ଆମେ ଗୋଟିଏ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାକୁ ସବିଶେଷ ଓ ତନ୍ନତନ୍ନ କରି ଅଧ୍ୟୟନ କରିଥାଉ । ଉଦାହରଣ ସ୍ୱରୂପ ଯଦି ଜଣଙ୍କୁ ପାଣିପାଗ/ଜଳବାୟୁ ବିଷୟରେ ଅଧ୍ୟୟନ କରିବାର ଅଛି, ତେବେ ତାଙ୍କୁ ଜଳବାୟୁ ସଂକ୍ରାନ୍ତ ବିଭିନ୍ନ ଦିଗ ଯଥା- ବିଷୟ, ଜଳବାୟୁକୁ ପ୍ରଭାବିତ କରୁଥିବା କାରକମାନ, ଜଳବାୟୁର ଉପାଦାନ, ଜଳବାୟୁର ପ୍ରକାର ଏବଂ ପୃଥିବୀର ବିଭିନ୍ନ ଜଳବାୟୁ ଅଞ୍ଚଳ ସଂକ୍ରାନ୍ତରେ ଅଧ୍ୟୟନ କରିବାକୁ ପଡ଼ିବ ।

-**ଆଞ୍ଚଳିକ ପନ୍ଥା**: ଆଞ୍ଚଳିକ ପନ୍ଥାରେ ପୃଥିବୀକୁ ଭିନ୍ନଭିନ୍ନ ପତନରେ ଭିନ୍ନଭିନ୍ନ ଅଞ୍ଚଳରେ ବିଭକ୍ତ କରାଯାଏ ଏବଂ ତତ୍ପରେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ପ୍ରକ୍ରିୟାକୁ ଅଧ୍ୟୟନ କରାଯାଇଥାଏ । ସେହିସବୁ ଅଞ୍ଚଳଗୁଡ଼ିକ ପ୍ରାକୃତିକ, ରାଜନୈତିକ ବା ନିର୍ଦ୍ଧାରିତ ଅଞ୍ଚଳ ଅଟେ । ଏକ ଅଞ୍ଚଳର ପ୍ରକ୍ରିୟା/ଘଟଣାକୁ ବିଭିନ୍ନତା ମଧ୍ୟରେ ଏକତା ଅନୁଧ୍ୟାନ ପାଇଁ ବିସ୍ତୃତଭାବରେ ଅଧ୍ୟୟନ କରାଯାଏ । ଉଦାହରଣ ସ୍ୱରୂପ ଆମେ ଯେତେବେଳେ କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଚୟନ କରୁ; ମନେକରାଯାଉ ଆମ ପ୍ରଦେଶକୁ ଆମେ ଚୟନ କଲେ- ତେଣୁ ଆମେ ଆମ ପ୍ରଦେଶର ରିଲିଫ୍, ଜଳନିଷ୍କାସନ, ଜଳବାୟୁ, ମୃତ୍ତିକା, ପ୍ରାକୃତିକ ପରିବେଶ, ଖଣିଜ, ମାନବ ସମ୍ବଳ, ଅର୍ଥନୈତିକ କ୍ରିୟାକଳାପ, ବାଣିଜ୍ୟ, ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ଅଧ୍ୟୟନ କରିବା । ଏହି କ୍ଷେତ୍ରରେ ଅନୁସୃତ ପନ୍ଥାକୁ ଆଞ୍ଚଳିକ ପନ୍ଥା କହନ୍ତି ।

## ୪.୫.ଭୂଗୋଳର ପରିସର

ଭୂଗୋଳର ପରିସର ପରିବ୍ୟାପ୍ତ । ଭୂଗୋଳ ବିଷୟବସ୍ତୁ ବିଶେଷ ସଂଖ୍ୟକ ଶାଖା ଜରିଆରେ ଅଧୟନ କରାଯାଏ । ସେହିସବୁ ଶାଖା ଦୁଇଟି ପଦ୍ଧତି ଯଥା-ବ୍ୟବସ୍ଥିତ ଓ ଆଞ୍ଚଳିକ ପନ୍ଥା ଆଧାରିତ ଅଟେ । ପ୍ରାକୃତିକ ବିଜ୍ଞାନ ସହ ସମ୍ବନ୍ଧିତ ଶାଖାକୁ ଭୌତିକ ଭୂଗୋଳ କୁହାଯାଉଥିଲାବେଳେ ସାମାଜିକ ବିଜ୍ଞାନ ସହ ସମ୍ବନ୍ଧିତ ଶାଖାକୁ ମାନବୀୟ ଭୂଗୋଳ କହନ୍ତି । ଏବେ ସେହିସବୁ ଶାଖା ବିଷୟରେ ଅଧିକ ଜାଣିବା ଚାଲ:-

୧-**ଭୌତିକ ଭୂଗୋଳ**: ଏହା ଭୂତତ୍ତ୍ୱବିଜ୍ଞାନ ଓ ଅନ୍ୟ ପ୍ରାକୃତିକ ବିଜ୍ଞାନରୁ ଆନୀତ । ବାସ୍ତବରେ ଏହା ସାମାଜିକ ତୁଳନାରେ ଅଧିକ ପ୍ରାକୃତିକ ବିଜ୍ଞାନ ଅଟେ । ଭୌତିକ ଭୂଗୋଳ ପରିବେଶଗତ ଉପାଦାନ ସହ ଅଧିକ ସମ୍ବନ୍ଧିତ:

-ଜଳବାୟୁ

-ଶିଳା ସମେତ ଭୂମିରୂପ ଏବଂ ଜଳନିଷ୍କାସନ

-ପ୍ରାକୃତିକ ଶୋଭା ଓ ସୁଷମା

-ମୃତ୍ତିକା

-ବନ୍ୟପ୍ରାଣୀ

-ଏହି ସବୁ ଉପାଦାନ ମଧ୍ୟରେ ସମ୍ପର୍କ

(କ) ଜିଓମର୍ଫୋଲୋଜୀ/ଭୂବିଜ୍ଞାନ -ଏହା ଭୂମିରୂପ, ଏହାର ଉଦ୍ଭବ ଏବଂ ସମ୍ବନ୍ଧିତ କ୍ରିୟାର ଅଧ୍ୟୟନ ଅଟେ ।

(ଖ) କ୍ଲାମେଟୋଲୋଜୀ/ଜଳବାୟୁବିଜ୍ଞାନ-ବାୟୁମଣ୍ଡଳର ସଂରଚନା ଏବଂ ପାଗ ଓ ଜଳବାୟୁର ଉପାଦାନ ତଥା ଜଳବାୟୁ ପ୍ରକାର ଏବଂ ଅଞ୍ଚଳ ଆଦି ବିଷୟରେ ଅଧ୍ୟୟନକୁ ଏହା ଗୁରୁତ୍ୱ ଦେଇଥାଏ ।

(ଗ)ହାଇଡ୍ରୋଲୋଜୀ/ଜଳସମ୍ବନ୍ଧୀୟ ବିଜ୍ଞାନ: ସମୁଦ୍ର, ହ୍ରଦ, ନଦୀ ଏବଂ ଅନ୍ୟାନ୍ୟ ଜଳ ଉତ୍ସ ସମେତ ପୃଥିବୀ ପୃଷ୍ଠରେ ଥିବା ଜଳସ୍ତର ଏବଂ ମାନବ ଜୀବନ ସମେତ ବିଭିନ୍ନ ଜୀବସତ୍ତା ଉପରେ ଏହାର ପ୍ରଭାବ ଏବଂ କାର୍ଯ୍ୟକ୍ରମ ସଂକ୍ରାନ୍ତ ଅଧ୍ୟୟନ ।

(ଘ) ମୃତ୍ତିକା ଭୂଗୋଳ: ମୃତ୍ତିକା ସୃଷ୍ଟି, ଏହାର ପ୍ରକାର, ଏହାର ଉର୍ବରତା ସ୍ଥିତି, ଆବଣ୍ଟନ ଏବଂ ବ୍ୟବହାର ସଂକ୍ରାନ୍ତ ଅଧ୍ୟୟନ ଅଟେ ।

୨- **ମାନବୀୟ ଭୂଗୋଳ**: ଏହା ସମାଜର ସ୍ଥାନିକ ସଂଗଠନ ସହ ସମ୍ବନ୍ଧିତ । ପ୍ରାରମ୍ଭରେ ଲୋକମାନେ ବସବାସ କରୁଥିବା ସ୍ଥାନର ବର୍ଣ୍ଣନାକୁ ଧ୍ୟାନ ଦିଆଯାଉଥିଲା । ମାତ୍ର ସମ୍ପ୍ରତି ଅର୍ଥନୈତିକ କାର୍ଯ୍ୟକ୍ରମ ଅଧିକ ଧ୍ୟାନ ଆକର୍ଷଣ କରିବା ସହିତ ସମ୍ବଳର ଆଞ୍ଚଳିକ ବଣ୍ଟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ମଧ୍ୟ କେତେକ ଗୁରୁତ୍ୱ ବହନ କରୁଛି । ପରିବେଶଗତ ସମସ୍ୟା ମଧ୍ୟ ଧ୍ୟାନ ଆକର୍ଷଣ କରୁଛି ମାତ୍ର ସ୍ଥଳଭାଗ କିପରି ଲୋକଙ୍କୁ ପ୍ରଭାବିତ କରୁଛି; ଲୋକମାନେ ନୁହଁନ୍ତି ତାହାକୁ ବିଶେଷ ଧ୍ୟାନ ଦିଆଯାଉଛି ।

(କ) ସାମାଜିକ/ସାଂସ୍କୃତିକ ଭୂଗୋଳ ସମାଜ ଓ ଏହାର ସ୍ଥାନଗତ ଗତିଶୀଳତା ତଥା ସମାଜ ଦ୍ୱାରା ସୃଷ୍ଟ ସାଂସ୍କୃତିକ ଉପାଦାନର ଅଧ୍ୟୟନ ଅଟେ ।

(ଖ) ଜନସଂଖ୍ୟା ଓ ଜନବସତି ଭୂଗୋଳ (ଗ୍ରାମାଞ୍ଚଳ ଓ ସହରାଞ୍ଚଳ): ଏହା ଜନସଂଖ୍ୟା ବୃଦ୍ଧି, ବଣ୍ଟନ, ଘନତ୍ୱ, ଲିଙ୍ଗଗତ ହାର, ଦେଶାନ୍ତର, ବୟସ ସଂରଚନା, ବୃତ୍ତିଗତ ସଂରଚନା ଇତ୍ୟାଦିକୁ ଅଧ୍ୟୟନ କରେ । ଜନବସତି ଭୂଗୋଳ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବସତିର ବିଶେଷତ୍ୱକୁ ଅଧ୍ୟୟନ କରେ ।

(ଗ) ଅର୍ଥନୈତିକ ଭୂଗୋଳ: କୃଷି, ଶିଳ୍ପ, ପର୍ଯ୍ୟଟନ, ବାଣିଜ୍ୟ, ପରିବହନ, ଭିତ୍ତିଭୂମି ଓ ସେବା ଇତ୍ୟାଦି ସମେତ ମଣିଷର ଅର୍ଥନୈତିକ କାର୍ଯ୍ୟକ୍ରମର ଅଧ୍ୟୟନ ଅଟେ ।

(ଘ) ଐତିହାସିକ ଭୂଗୋଳ- ଏହା ଯେଉଁ ପ୍ରକ୍ରିୟା ଜରିଆରେ ସ୍ଥାନ ସଂଗଠିତ ହୋଇଛି ତାହାକୁ ଅଧ୍ୟୟନ କରିଥାଏ । ସାମ୍ପ୍ରତିକ ସ୍ଥିତିକୁ ଆସିବା ପୂର୍ବରୁ ପ୍ରତ୍ୟେକ ଅଞ୍ଚଳ ଏକ ଐତିହାସିକ ପ୍ରକ୍ରିୟା ଦେଇ ଆସିଥାଏ । ଭୌଗୋଳିକ ବୈଶିଷ୍ଟ୍ୟ ମଧ୍ୟ ସାମୟିକ ପରିବର୍ତ୍ତନ ଦେଇ ଗତି କରିଛି ଯାହା ଐତିହାସିକ ଭୂଗୋଳ ଅଟେ ।

(ଙ) ରାଜନୈତିକ ଭୂଗୋଳ: ଏହା ସ୍ଥାନକୁ ରାଜନୈତିକ ଦୃଷ୍ଟିକୋଣରୁ ଦେଖିଥାଏ ଏବଂ ସୀମା, ପଡ଼ୋଶୀ ଏକକର ସୀମା ସମ୍ପର୍କ, ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ, ନିର୍ବାଚନ ଦୃଶ୍ୟପଟକୁ ଦୃଷ୍ଟି ନିକ୍ଷେପ କରିବା ସହ ଜନସଂଖ୍ୟାର ରାଜନୈତିକ ପ୍ରଦର୍ଶନ ବୁଝିବାରେ ଏକ ତତ୍ତ୍ୱଗତ ଢାଞ୍ଚାର ବିକାଶ କରେ ।

୩-**ଜୈବଭୂଗୋଳ:**

ଭୌତିକ ଭୂଗୋଳ ଓ ମାନବୀୟ ଭୂଗୋଳ ମଧ୍ୟରେ ଥିବା ସାଧାରଣ ବୈଶିଷ୍ଟ୍ୟରୁ ଜୈବଭୂଗୋଳ ସୃଷ୍ଟି । ଯେଉଁଥିରେ ନିମ୍ନଲିଖିତଗୁଡ଼ିକ ସାମିଲ-

ଟିପ୍ପଣୀ

(କ) ଉଦ୍ଭିଦ ଭୂଗୋଳ; ଯାହା ଏକ ପ୍ରାକୃତିକ ସ୍ଥାନ(ଆବାସ)ରେ ପ୍ରାକୃତିକ ଉଦ୍ଭିଦଜଗତର ସ୍ଥାନିତ ପ୍ରକାରକୁ ଅଧ୍ୟୟନ କରିଥାଏ ।

(ଖ)ଚିଡ଼ିଆଖାନା ଭୂଗୋଳ; ଯାହା ସ୍ଥାନର ପ୍ରକାରଭେଦ ଏବଂ ପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ଭୌଗୋଳିକ ବିଶେଷତ୍ୱକୁ ଅଧ୍ୟୟନ କରେ ।

(ଗ)ଜୀବ ବିଜ୍ଞାନ- ଏହା ବାସସ୍ଥାନ ଓ ବିଭିନ୍ନ ପ୍ରଜାତିର ବୈଶିଷ୍ଟ୍ୟର ଅଧ୍ୟୟନ ଅଟେ ।

(ଘ) ପରିବେଶଗତ ଭୂଗୋଳ- ଏହା ପରିବେଶର ସମସ୍ୟା ଓ ଆହ୍ୱାନକୁ ଅଧ୍ୟୟନ କରେ ।

**୪- ଆଞ୍ଚଳିକ ଭୂଗୋଳ:**

(କ) ଆଞ୍ଚଳିକ ଅଧ୍ୟୟନ/କ୍ଷେତ୍ର ଅଧ୍ୟୟନ: ଏହା ମାକ୍ରୋ(ସ୍ଥୁଳ), ମାଇକ୍ରୋ(ସୂକ୍ଷ୍ମ) ଏବଂ ମେଜୋ(ମଧ୍ୟମ) ଆଞ୍ଚଳିକ ଅଧ୍ୟୟନକୁ ନେଇ ଗଠିତ ।

(ଖ) ଆଞ୍ଚଳିକ ଯୋଜନା- ଦେଶ/ଗ୍ରାମାଞ୍ଚଳ ଏବଂ ସହର/ସହରାଞ୍ଚଳ ଯୋଜନା ଅଟେ ।

(ଗ) ଆଞ୍ଚଳିକ ବିକାଶ

(ଘ) ଆଞ୍ଚଳିକ ପର୍ଯ୍ୟବେକ୍ଷଣ

ଏହି ସବୁ ମୁଖ୍ୟ ଶାଖା ବ୍ୟତୀତ ଆଉ ଦୁଇଟି ଦିଗ ରହିଛି ଯାହା ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ସାଧାରଣ ଅଟେ । ସେଗୁଡ଼ିକ ହେଲା-

(କ) ଦର୍ଶନ

-ଭୌଗୋଳିକ ଚିନ୍ତନ

-ଭୂମି ଏବଂ ମାନବୀୟ ପ୍ରତିକ୍ରିୟା/ମାନବୀୟ ପରିବେଷ୍ଟନୀ

(ଖ) ପଦ୍ଧତି ଓ କୌଶଳ:

-କମ୍ପ୍ୟୁଟର ଜରିଆରେ ମାନଚିତ୍ର ଅଙ୍କନ

-ପରିମାଣଗତ କୌଶଳ/ପରିସଂଖ୍ୟାନ ପଦ୍ଧତି

-କ୍ଷେତ୍ର ସର୍ବେକ୍ଷଣ ପଦ୍ଧତି

-ଭୂ-ସୂଚନା ଯେଉଁଥିରେ ରିମୋଟ୍ ସେନ୍‌ସିଂ, ଜିଆଇଏସ୍, ଜିପିଏସ୍ ଇତ୍ୟାଦି ସାମିଲ ।

ଟିପ୍ପଣୀ




**Fig. 4.1 Domain of Geography Based on Systematic Approach**

ଟିପ୍ପଣୀ




**Fig. 4.2 Domain of Geography Based on Regional Approach**




**Fig. 4.3 Geography: Based on Thought and Methodologies**

### ନିଜ ଅଗ୍ରଗତି ଆକଳନ -୨

୧-ଭୂଗୋଳ ଶିକ୍ଷାଦାନ ଓ ଶିକ୍ଷଣରେ ଆଞ୍ଚଳିକ ଓ ବ୍ୟବସ୍ଥିତ ପନ୍ଥାର ବୈଶିଷ୍ଟ୍ୟ ଉଲ୍ଲେଖ କର ?

୨- ତୁମ ଭୂଗୋଳ ପାଠ୍ୟ ପୁସ୍ତକକୁ ପର୍ଯ୍ୟବେକ୍ଷଣ କର ଏବଂ ଭୂଗୋଳ ସଂକ୍ରାନ୍ତ ବିଭିନ୍ନ ପନ୍ଥାଗୁଡ଼ିକୁ ଚିହ୍ନଟ କରିବାକୁ ଚେଷ୍ଟା କର ।

## ୪.୬. ଉଚ୍ଚ ପ୍ରାଥମିକ ସ୍ତରରେ ଭୂଗୋଳ ଶିକ୍ଷାଦାନ

ଏଯାବତ ଆମେ ସାମାଜିକ ବିଜ୍ଞାନର ଏକ ଅଂଶ ଭାବରେ ଭୂଗୋଳ ବିଷୟରେ ଅଧ୍ୟୟନ କରିଆସିଲେ । ଏହି ସମୟ ମଧ୍ୟରେ ଆମେ ଭୂଗୋଳର ପ୍ରକୃତି, ଆବଶ୍ୟକତା, ବିଷୟବସ୍ତୁ, ପଦ୍ଧତି ଏବଂ ଶାଖା ସମ୍ବନ୍ଧରେ ଉତ୍ତମ ଜ୍ଞାନଲାଭ ମଧ୍ୟ କରିପାରିଛନ୍ତି । ଏହି ଅଧ୍ୟାୟରେ ଆମେ ବିଶେଷକରି ଉଚ୍ଚ ପ୍ରାଥମିକ ସ୍ତରରେ ଭୂଗୋଳ ଶିକ୍ଷାଦାନର ମୌଳିକତା ବିଷୟରେ ଶିକ୍ଷାଲାଭ କରିବା ଏବଂ ଏହି ସ୍ତରରେ ଭୂଗୋଳ ଶିକ୍ଷା ପ୍ରଦାନର ଉଦ୍ଦେଶ୍ୟ ସମ୍ବନ୍ଧରେ ନିଜକୁ ପରିଚିତ କରାଇବା । ତୁମେ ନିଶ୍ଚୟ ସଚେତନ ଥିବ, ସାମାଜିକ ବିଜ୍ଞାନର ସେହିସବୁ ଶିକ୍ଷଣ ଶିକ୍ଷାଦାନ ପାଠ୍ୟକ୍ରମର ଏକ

ଟିପ୍ପଣୀ

ଅବିଚ୍ଛେଦ୍ୟ ଅଙ୍ଗ । ଏହି ପାଠ୍ୟକ୍ରମ କ୍ଷେତ୍ରର ଗୁରୁତ୍ୱ ତୁମେ ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତର ଯଥା-ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ଅନୁଭବ କରିପାରିବ । ଅବଶ୍ୟ ସ୍ତର ଅନୁସାରେ ସ୍ୱରୂପ, ବିଷୟବସ୍ତୁ ଏବଂ ପଦ୍ଧତିଗୁଡ଼ିକ ପରିବର୍ତ୍ତନ ହୋଇ ଚାଲିବ । ପ୍ରାଥମିକ ସ୍ତରରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହାକୁ ପରିବେଶ ବିଜ୍ଞାନ ବିଷୟ ଭାବରେ ଅଧ୍ୟୟନ କରାଯାଇଥାଏ । ପୂରା ପ୍ରାଥମିକ ସ୍ତରରେ ଏହା ଅବିଚ୍ଛେଦ୍ୟ ଅଂଶ ଭାବରେ ଗୃହୀତ । ଏହି ସ୍ତରରେ ପରିବେଶ ବିଜ୍ଞାନ ପାଠ୍ୟଖସଡ଼ା ଶିଶୁର ଜୀବନ ଯଥା- ପରିବାର ଓ ପରିଜନ, ଖାଦ୍ୟ ଓ ବାସଗୃହ, ଜଳ, ଭ୍ରମଣ ଏବଂ ଆମେ ତିଆରି କରୁଥିବା ଓ ସମ୍ପାଦନ କରୁଥିବା କାର୍ଯ୍ୟ ପରି ୬ଟି ସାଧାରଣ ବିଷୟକୁ ନେଇ ପ୍ରସ୍ତୁତ କରାଯାଇଥାଏ । ଭୂଗୋଳ କିପରି ଭାବରେ ପରିବେଶ ସହ ଅଧିକ ସମ୍ପୃକ୍ତ ତାହା ତୁମେ ସୂଚିତ କରିପାରିବ କି ? ନିମ୍ନ ପ୍ରାଥମିକ ଶ୍ରେଣୀ ପ୍ରଥମ-ଦ୍ୱିତୀୟରେ ପରିବେଶ ବିଜ୍ଞାନ (ଇଭିଏସ୍)କୁ ଭାଷା ଓ ଗଣିତ ସହ ସମ୍ବନ୍ଧିତ କରାଯାଇଥାଏ । ଏହାର ଅର୍ଥ ହେଲା ପରିବେଶ ବିଜ୍ଞାନ ମଧ୍ୟ ନିମ୍ନ ପ୍ରାଥମିକ ସ୍ତର ଶିକ୍ଷା ପାଠ୍ୟକ୍ରମରେ ଏକ ଅଂଶ । ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୦୫ ଆଧାରିତ ପରିବେଶ ବିଜ୍ଞାନର ପାଠ୍ୟ ଖସଡ଼ାରେ ସମାଜର ସୁଦୀର୍ଘ ସମୟ, ସ୍ଥାନ ଏବଂ ଜୀବନକୁ ଶିଶୁର ଚତୁପାର୍ଶ୍ୱ ବିଶ୍ୱକୁ ଶିଶୁଟିର ନିରୀକ୍ଷଣ ଓ ବୁଝିବା ଭାବନା ଅନୁସାରେ ଯୋଡ଼ି ତା'ର (ପୁଅ ବା ଝିଅ) ଧ୍ୟାନ ଆକର୍ଷଣ କରିବାକୁ ପ୍ରଚେଷ୍ଟା କରାଯାଇଛି । ଉଚ୍ଚ ପ୍ରାଥମିକ ସ୍ତରରେ ଏହି ଧାରା ଅବ୍ୟାହତ ରହେ ଏବଂ ସାମାଜିକ ବିଜ୍ଞାନର ଆଭିମୁଖ୍ୟ ରହିଥିବା ପାଠ୍ୟକ୍ରମକୁ ଦୃଷ୍ଟିରେ ରଖି ମାତ୍ର ବିଶେଷ ବିଷୟବସ୍ତୁ ପ୍ରତି ଧ୍ୟାନ ଦିଆଯାଏ ।

## ୪.୬.୧ ମୂଳାଧାର ଓ ଉଦ୍ଦେଶ୍ୟ

ଏହି ଉପବିଭାଗରେ ଆମେ ତୁମକୁ ଉଚ୍ଚ ପ୍ରାଥମିକ ସ୍ତରରେ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୦୫ରୁ ଆନୀତ ଭୂଗୋଳ ଶିକ୍ଷାଦାନର ମୂଳାଧାର ବିଷୟରେ ପରିଚିତ କରାଇବୁ । ଆମେ ଅବଗତ ଯେ ଭୂଗୋଳ ସାମାଜିକ ବିଜ୍ଞାନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି ସ୍ତରରେ ଶିକ୍ଷାର୍ଥୀଙ୍କୁ ସେମାନେ ବସବାସ କରୁଥିବା ବିଶ୍ୱକୁ ବୁଝିବା ପାଇଁ ଆବଶ୍ୟକ ମୌଳିକ ଧାରଣା ସମ୍ପର୍କରେ ପରିଚିତ କରାଯାଏ । ବିଭିନ୍ନ ଅଞ୍ଚଳ ଓ ରାଷ୍ଟ୍ରର ପାରସ୍ପରିକ ନିର୍ଭରଶୀଳତାକୁ ଉତ୍ତମ ଭାବରେ ବୁଝିବା ପାଇଁ ଭୂଗୋଳ ପ୍ରଚଳିତ । ପିଲାଟିକୁ ସମସାମୟିକ ସମସ୍ୟା ଯଥା-ବିଶ୍ୱରେ ଅର୍ଥନୈତିକ ସମ୍ବଳର ଆବସ୍ଥାନ, ଲିଙ୍ଗ, ଅବହେଳିତ ବର୍ଗ, ପରିବେଶ ତଥା ଜଗତିକରଣର ପ୍ରଚଳିତ ପ୍ରକ୍ରିୟା ସଂକ୍ରାନ୍ତରେ ପରିଚିତ କରାଯାଏ । ଏହି ସ୍ତରରେ ପାଠ୍ୟକ୍ରମ ମାନବଜାତିର ବାସସ୍ଥାନ ପୃଥିବୀ, ପରିବେଶ ଅଧ୍ୟୟନ, ସମ୍ବଳ, ଏବଂ ବିଭିନ୍ନ ସ୍ତର ସ୍ଥାନୀୟ, ଆଞ୍ଚଳିକ/ଜାତୀୟ ଓ ବିଶ୍ୱ ସ୍ତରରେ ବିକାଶକୁ ନେଇ ପ୍ରସ୍ତୁତ ।

ଏବେ ଜାତୀୟ ପାଠ୍ୟକ୍ରମ ଢାଞ୍ଚା-୨୦୦୫ ଆଧାରରେ ଭୂଗୋଳ ଶିକ୍ଷାଦାନର ଉଦ୍ଦେଶ୍ୟ ବିଷୟରେ ଜାଣିବା ଚାଲ:-

ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା-

-ମାନବଜାତି ଓ ଅନ୍ୟାନ୍ୟ ଜୀବସତ୍ତାର ବାସସ୍ଥାନ ପୃଥିବୀ ବୋଲି ବୁଝିବା

-ବିଶ୍ୱ ପ୍ରସଙ୍ଗରେ ପ୍ରଶିକ୍ଷାର୍ଥୀଙ୍କୁ ନିଜସ୍ୱ ଅଞ୍ଚଳ, ରାଜ୍ୟ ଓ ଦେଶ ପ୍ରସଙ୍ଗରେ ଅଧ୍ୟୟନ ଆରମ୍ଭ କରିବା

-ବିଶ୍ୱବ୍ୟାପୀ ଅର୍ଥନୈତିକ ସମ୍ବଳର ବଣ୍ଟନ ଏବଂ ପ୍ରଚଳିତ ଜଗତିକରଣ ପ୍ରକ୍ରିୟା ସମ୍ବନ୍ଧରେ ପରିଚିତ କରାଇବା

-ବିଭିନ୍ନ ଅଞ୍ଚଳ ଓ ରାଷ୍ଟ୍ରର ପାରସ୍ପରିକ ନିର୍ଭରଶୀଳତା ବୁଝାମଣାର ପ୍ରସାର କରିବା

## ୪.୬.୨ **ବିଷୟବସ୍ତୁର ରୂପରେଖ**

ଏହି ଉପବିଭାଗରେ ଆମେ ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନର ଏକ ଅଂଶ ଭାବରେ ଶିକ୍ଷାଦାନ କରାଯାଉଥିବା ଭୂଗୋଳ ବିଷୟବସ୍ତୁର ରୂପରେଖ ପ୍ରଦାନ କରିଛୁ । ପାଠ୍ୟକ୍ରମର ଢାଞ୍ଚା ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୦୫ ଆଧାରିତ ଅଟେ । ପାଠ୍ୟଖସଡ଼ା ପ୍ରସ୍ତୁତକାରୀଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ଉଦ୍ଦେଶ୍ୟ ବିଷୟରେ ଚାଲ ପରିଚିତ ହେବା ।

ଶ୍ରେଣୀ ଷଷ୍ଠ : ପୃଥିବୀ ଆମ ବାସସ୍ଥାନ

ଟିପ୍ପଣୀ

**ବିଷୟ**

ଗ୍ରହ-ସୌରଜଗତରେ ପୃଥିବୀ

ଭୂଗୋଲକ: ପୃଥିବୀର ନମୁନା, ଅକ୍ଷାଂଶ ଓ ଦ୍ରାଘିମା, ପୃଥିବୀର ଗତି, ଘୂର୍ଣ୍ଣନ ଓ ପରିକ୍ରମଣ ।

ମାନଚିତ୍ର: ମାନଚିତ୍ର ଦୂରତା, ଦିଗ ଓ ସଙ୍କେତର ଆବଶ୍ୟକ ଉପାଦାନ

ପୃଥିବୀର ଚାରିଟି ମଣ୍ଡଳ: ଅଶ୍ମ ମଣ୍ଡଳ, ବାରି ମଣ୍ଡଳ, ବାୟୁ ମଣ୍ଡଳ ଓ ଜୈବ ମଣ୍ଡଳ; ମହାସାଗର ଓ ମହାଦେଶ

ପୃଥିବୀ ପୃଷ୍ଠରେ ପ୍ରମୁଖ ବିଭିନ୍ନତାର ବୈଶିଷ୍ଟ୍ୟ

ଭାରତ ଓ ପୃଥିବୀ, ଭାରତର ଭୌତିକ ବିଭାଜନ-ପାହାଡ଼, ମାଳଭୂମି, ସମତଳ ଭୂମି, ଜଳବାୟୁ, ପ୍ରାକୃତିକ ଜନଜୀବନ ଏବଂ ବନ୍ୟ ପ୍ରାଣୀ, ସେମାନଙ୍କ ସଂରକ୍ଷଣର ଆବଶ୍ୟକତା

**ଉଦ୍ଦେଶ୍ୟ:**

ସୌର ଜଗତରେ ପୃଥିବୀର ସ୍ଥାନ ଅଦ୍ୱିତୀୟ; ଯାହା ମାନବ ସମେତ ସମସ୍ତ ପ୍ରକାର ଜୀବ ସତ୍ତା ପାଇଁ ଅନୁକୂଳ ସ୍ଥିତି ଯୋଗାଉ ଥିବା ବୁଝିବା ।

ପୃଥିବୀର ଦୁଇଟି ଗତି ଓ ତା'ର ପ୍ରଭାବ ବୁଝିବା ।

ମାନଚିତ୍ର ପଠନର ମୌଳିକ ଦକ୍ଷତା ହାସଲ କରିବା ।

ପୃଥିବୀର ବିଭିନ୍ନ ଭୂଖଣ୍ଡର ପାରସ୍ପରିକ ନିର୍ଭରଶୀଳତାକୁ ବୁଝିବା ।

ମାନବ ଜୀବନ ଉପରେ ଭୂମି, ଜଳବାୟୁ, ଜନବସତି ଓ ବନ୍ୟପ୍ରାଣୀର ପ୍ରଭାବକୁ ହୃଦୟଙ୍ଗମ କରିବା ।

ପ୍ରାକୃତିକ ପରିବେଶ ଓ ବନ୍ୟପ୍ରାଣୀର ସଂରକ୍ଷଣର ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରିବା ।

ଶ୍ରେଣୀ ସପ୍ତମ : ଆମ ପରିବେଶ

**ବିଷୟ**

ସମ୍ପୂର୍ଣ୍ଣ ପରିବେଶ: ପ୍ରାକୃତିକ ଓ ମାନବୀୟ ପରିବେଶ ।

ପ୍ରାକୃତିକ ପରିବେଶ: ଭୂମି-ପୃଥିବୀର ଆଭ୍ୟନ୍ତରୀଣ ଅଞ୍ଚଳ, ଶିଳା ଓ ଖଣିଜ, ପୃଥିବୀର ଗତି ଓ ପ୍ରମୁଖ ଭୂମି ରୂପ (ଭୂମିକମ୍ପ ସମ୍ପର୍କିତ ଏକ ଘଟଣା ଅନୁଧ୍ୟାନକୁ ସାମିଲ ହେବ) ।

ବାୟୁ-ଗଠନ, ବାୟୁମଣ୍ଡଳର ସଂରଚନା, ପାଗ ଓ ଜଳବାୟୁର ଉପାଦାନ-ତାପମାତ୍ରା, ଚାପ, ଆର୍ଦ୍ରତା ଓ ପବନ (ବାତ୍ୟା ସମ୍ପର୍କିତ ଏକ ଘଟଣା ଅଧ୍ୟୟନକୁ ସାମିଲ ହେବ) ।

ଜଳ-ମଧୁର ଓ ଲବଣ, ପ୍ରମୁଖ ଜଳ ଉତ୍ସର ବଣ୍ଟନ, ମହାସାଗର ଜଳ ଏବଂ ତା'ର ଚଳନ (ସୁନାମି ସମ୍ବନ୍ଧିତ ଏକ ଘଟଣା ଅଧ୍ୟୟନ ରିପୋର୍ଟ ସାମିଲ ହେବ) ।

ପ୍ରାକୃତିକ ପରିବେଶ: ଜନବସତି, ପରିବହନ ଓ ଯୋଗାଯୋଗ ।

ମାନବୀୟ ପରିବେଶ ପାରସ୍ପରିକ କ୍ରିୟା: ଘଟଣା ଅଧ୍ୟୟନ ରିପୋର୍ଟ-ମରୁଭୂମିରେ ଜୀବନ ସାହାରା ଓ ଲଦାଖ; କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଅଞ୍ଚଳରେ ଜୀବନ-ଆମାଜନ୍, ଗଙ୍ଗା ଓ ବ୍ରହ୍ମପୁତ୍ର; ନାତିଶୀତୋଷ୍ଣ ଅଞ୍ଚଳରେ ଜୀବନ-ପ୍ରେରୀ ଓ ଭେଲ୍ଡଟ୍ସ ।

**ଉଦ୍ଦେଶ୍ୟ:**

ପରିବେଶର ଉଭୟ ପ୍ରାକୃତିକ ଓ ମାନବୀୟ ଅଂଶ ସମେତ ପୂରା ପରିବେଶକୁ ବୁଝିବା ।

ପ୍ରାକୃତିକ ପରିବେଶର ଅଂଶକୁ ବ୍ୟାଖ୍ୟା କରିବା ।

ଏହି ସବୁ ଅଂଶଗୁଡ଼ିକର ପରସ୍ପର ନିର୍ଭରଶୀଳତାକୁ ଓ ଆମ ଜୀବନରେ ସେସବୁର ପ୍ରଭାବକୁ ପ୍ରସନ୍ଦ କରିବା ।

ପରିବେଶ ପ୍ରତି ସମ୍ବେଦନଶୀଳତା ବୃଦ୍ଧିକୁ ସ୍ୱାଗତ କରିବା ।

ବାୟୁମଣ୍ଡଳ ଓ ଏହାର ଉପାଦାନକୁ ଜାଣିବା ।

ପୃଥିବୀ ପୃଷ୍ଠରେ ଜଳର ଆବଣ୍ଟନକୁ ଜାଣିବା ।

ବିବିଧ ଶୋଭା ଓ ସୁଷମାର ସ୍ୱରୂପକୁ ଖୋଜି ବାହାର କରିବା ।

ପ୍ରାକୃତିକ ପରିବେଶ ଓ ମାନବୀୟ ପରିବେଶର ସମ୍ପର୍କକୁ ବ୍ୟାଖ୍ୟା କରିବା ।

ଆଜିର ବିଶ୍ୱ ନିର୍ମାଣରେ ବିକାଶ ପାଇଁ ପରିବହନ ଓ ଯୋଗାଯୋଗର ଆବଶ୍ୟକତାକୁ ବୁଝିବା; ଯାହା ମାନବ ଓ ସେମାନଙ୍କ ପରିବେଶ ମଧ୍ୟରେ ଏକ ପାରସ୍ପରିକ କ୍ରିୟା ।

ଶ୍ରେଣୀ ଅଷ୍ଟମ : ସମ୍ବଳ ଓ ବିକାଶ

**ବିଷୟ**

ସମ୍ବଳ: ସମ୍ବଳ ଓ ସେଗୁଡ଼ିକର ପ୍ରକାର-ପ୍ରାକୃତିକ ଓ ମାନବୀୟ ।

ପ୍ରାକୃତିକ ସମ୍ବଳ; ସେଗୁଡ଼ିକର ବିନିଯୋଗ ଓ ସଂରକ୍ଷଣ, ଭୂମି ଓ ମୃତ୍ତିକା, ଜଳ, ପ୍ରାକୃତିକ ପରିବେଶ, ବନ୍ୟାପ୍ରାଣୀ, ଖଣିଜ ଓ ଶକ୍ତି ସମ୍ବଳ, (ଭାରତର ସ୍ୱତନ୍ତ୍ର ପ୍ରସଙ୍ଗ ସହିତ ବିଶ୍ୱସ୍ତରୀୟ ଢଞ୍ଚା) ।

କୃଷିକାର୍ଯ୍ୟ: ଚାଷର ପ୍ରକାର, ପ୍ରମୁଖ ଶସ୍ୟ, ତନ୍ତୁଜାତୀୟ, ସୁସ୍ୱାଦୁ ପାନୀୟ, କୃଷି ବିକାଶ- ଦୁଇଟି ଘଟଣା ଅନୁଧ୍ୟାନ ଗୋଟିଏ ଭାରତରୁ ଓ ଅନ୍ୟଟି କୌଣସି ଏକ ବିକଶିତ ରାଷ୍ଟ୍ରର/ଆମେରିକା/ନେଦରଲାଣ୍ଡ୍ସ/ଅଷ୍ଟ୍ରେଲିଆର ଏକ ଫାର୍ମର)

ଶିଳ୍ପ: ଆକାର, କଞ୍ଚାମାଲ, ମାଲିକାନା ଆଧାରରେ ଶିଳ୍ପର ବର୍ଗୀକରଣ, ପ୍ରମୁଖ ଶିଳ୍ପସଂସ୍ଥା ଓ ଏହାର ବଣ୍ଟନ, ଭିତ୍ତିଭୂମି ଓ ବିକାଶ, ଲୌହ ଓ ଇସ୍ପାତ୍ (ଜାମସେଦପୁର ଓ ଆମେରିକାର ଡେଟ୍ରଏଟ୍ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ)

ବୟନଶିଳ୍ପ (ଅହମ୍ମଦାବାଦ ଓ ଓସାକା)

ସୂଚନା ପ୍ରଯୁକ୍ତି ବିଦ୍ୟା (ବେଙ୍ଗାଲୁରୁ ଓ ସିଲିକନ୍ ଭ୍ୟାଲି)

ମାନବ ସମ୍ବଳ-ଗଠନ, ଜନସଂଖ୍ୟା ପରିବର୍ତ୍ତନ, ବଣ୍ଟନ ଓ ଘନତ୍ୱ ।

**ଉଦ୍ଦେଶ୍ୟ:**

ସମ୍ବଳର ଅର୍ଥ, ସେସବୁର ପ୍ରକାର, ସ୍ଥିତି ଓ ବଣ୍ଟନକୁ ବୁଝିବା ।

ଆମ ଜୀବନରେ ସମ୍ବଳର ଗୁରୁତ୍ୱକୁ ବୁଝିବା ।

ପରିପୋଷଣୀୟ ବିକାଶ ପାଇଁ ସମ୍ବଳର ସଦୁପଯୋଗକୁ ପ୍ରଶଂସା କରିବା ।

ସମ୍ବଳ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି ଏବଂ ସଂରକ୍ଷଣ ପ୍ରକ୍ରିୟା ପାଇଁ ପଦକ୍ଷେପ ଗ୍ରହଣ କରିବା ।

ଦୁଇଟି ଭିନ୍ନଭିନ୍ନ ଅଞ୍ଚଳର ବିଭିନ୍ନ ପ୍ରକାର କୃଷି ଓ କୃଷି ବିକାଶ ବିଷୟରେ ଜାଣିବା ।

ବିନିର୍ମାଣ ଶିଳ୍ପର ପ୍ରମୁଖ ପ୍ରକାର ବିଷୟରେ ଜାଣିବା ।

ଦେଶର ଅର୍ଥନୀତି ବିକାଶରେ ମାନବ ସମ୍ବଳର ଗୁରୁତ୍ୱକୁ ବୁଝିବା ।

## ୪.୭. ପାଠ୍ୟ ଯୋଜନା ପରିବହନ

**ସାଧାରଣ ସମୀକ୍ଷା**

ଏହି ଭାଗରେ ଆମେ 'ପରିବହନ' ଶୀର୍ଷକ ବିଷୟକୁ ଏହାର ଭୌଗୋଳିକ ପରିପ୍ରେକ୍ଷୀରେ ଏକ ପ୍ରସଙ୍ଗ ଭାବରେ ଅଧ୍ୟୟନ କରିବା । ଶିକ୍ଷାଦାନ ବିନ୍ଦୁ/ଉକ୍ତି ଚିହ୍ନଟ, ଶିକ୍ଷଣ ଉଦ୍ଦେଶ୍ୟ ଉଲ୍ଲେଖ ଏବଂ ମୂଲ୍ୟାୟନ ସମେତ ଶିକ୍ଷାଦାନରେ ଉପଯୁକ୍ତ କୌଶଳ ଅବଲମ୍ବନ ଜରିଆରେ ଏକ ପାଠ୍ୟ ଯୋଜନା ପ୍ରସ୍ତୁତ କରିବାରେ ତୁମକୁ ସାହାଯ୍ୟ କରିବା ପାଇଁ

ଉଦ୍ୟମ କରାଯାଇଛି । ମୋଡ୍ୟୁଲ୍‌ରେ କିଛି ରାଜ୍ୟର ଉଦାହରଣ ଦିଆଯାଇଥିଲେ ହେଁ ପରିବହନ ବିଷୟ ବୁଝିବାରେ ଛାତ୍ରଛାତ୍ରୀଙ୍କୁ ସହାୟତା କରିବା ପାଇଁ ତୁମେ ଅବାଧରେ ତୁମ ରାଜ୍ୟ ଓ ଏହାର ପଡ଼ୋଶୀ ରାଜ୍ୟର ଉଦାହରଣ ନେଇପାରିବ । ଅଭିଜ୍ଞତାକୁ ଆହୁରି ଋଦ୍ଧିମନ୍ତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ବାହାରକୁ ଯିବା ପାଇଁ ସୁଯୋଗ ପ୍ରଦାନ କରିବା ମଧ୍ୟ ଆବଶ୍ୟକ ।

ଉଦ୍ଦେଶ୍ୟ:

ଏହି ଅଧ୍ୟାୟର ଅଧ୍ୟୟନ ପରେ ତୁମେ ବୁଝିବାକୁ ସକ୍ଷମ ହେବ:

-ପରିବହନ ବିଷୟବସ୍ତୁର ସମୀକ୍ଷା କରିବା

-ଶିକ୍ଷଣ ସହାୟତା ନିମନ୍ତେ ବିଷୟବସ୍ତୁର ଅନୁକ୍ରମ କରିବା

-ଅଧ୍ୟାୟର ଶିକ୍ଷଣ ଉଦ୍ଦେଶ୍ୟ ଢାଞ୍ଚା ସ୍ଥିର କରିବା

-ଶିକ୍ଷଣ ସହାୟତା ପାଇଁ କୌଶଳର ପ୍ରସ୍ତାବ ଦେବା

-ଶିକ୍ଷାଦାନ ଶିକ୍ଷଣ ସମ୍ବଳଗୁଡ଼ିକୁ ଚିହ୍ନଟ ଓ ବ୍ୟବହାର କରିବା

-ଶିକ୍ଷଣ ଉଦ୍ଦେଶ୍ୟ ହାସଲ ନିମନ୍ତେ ଶିକ୍ଷଣ କାର୍ଯ୍ୟଗୁଡ଼ିକର ଲିଖନ ଓ କାର୍ଯ୍ୟାନ୍ୱୟନ କରିବା

-ପ୍ରବାହ ଚାର୍ଟ ଓ ଚିତ୍ରାଙ୍କନ

-ପାଠ୍ୟକ୍ରମର ସମସ୍ତ ପର୍ଯ୍ୟାୟରେ ମାନଚିତ୍ରର ବ୍ୟବହାର

ଶିକ୍ଷାଦାନ ବିନ୍ଦୁ

ପରିବହନ ମାଧ୍ୟମ-ସଡ଼କପଥ, ରେଳପଥ, ଜଳପଥ ଓ ଆକାଶ ପଥ ।

ଏକ ପ୍ରଦତ୍ତ ସ୍ଥାନରେ ପରିବହନର ମାଧ୍ୟମ ଉପଲବ୍ଧତାରେ ଦାୟୀ କାରକଗୁଡ଼ିକ ।

ଜନସଂଖ୍ୟା ବଣ୍ଟନ, ଅର୍ଥନୈତିକ ବିକାଶ ଏବଂ ସାଂସ୍କୃତିକ ପରିବର୍ତ୍ତନରେ ପରିବହନର ପ୍ରଭାବ ।

**ଶିକ୍ଷାଦାନ ଶିକ୍ଷଣ ସମ୍ବଳ ସମୂହ**

ମାନଚିତ୍ର-ଭୌତିକ, ଏକ ସହରର ପର୍ଯ୍ୟଟନ ମାନଚିତ୍ର, ପରିବହନର ମାଧ୍ୟମ

ଚିତ୍ର/ଛବି- ପରିବହନର ମାଧ୍ୟମ, ଜନବସତି, ମାଳଅଞ୍ଚଳ, ଭୂସ୍ଖଳନ, ରାସ୍ତା ଅବରୋଧ ।

ଜୀବନର ଅଭିଜ୍ଞତା-




ଚିତ୍ର-୧ ଭାରତ: ଜାତୀୟ ରାଜପଥ




ଚିତ୍ର ୨ ଭାରତ: ଆକାଶ ପଥ

ଟିପ୍ପଣୀ




ଚିତ୍ର ୩ ଭାରତ: ରେଳପଥ



ଚିତ୍ର ୪ : ଦ୍ରୁତଗାମୀ ରାଜପଥ



ଚିତ୍ର ୫: ପାହାଡ଼ିଆ ରାସ୍ତା ବା ଗିରିପଥ

**କାର୍ଯ୍ୟଗୁଡ଼ିକର ଅନୁକ୍ରମ:**

ସ୍ୱଭାବତଃ ପ୍ରତ୍ୟେକ ଶିକ୍ଷକ ପର୍ଯ୍ୟାପ୍ତ ପ୍ରସ୍ତୁତି ପରେ ଶ୍ରେଣୀକକ୍ଷକୁ ପ୍ରବେଶ କରିଥାନ୍ତି । ଏକ ପାଠ୍ୟକ୍ରମର ଶିକ୍ଷାଦାନ ଯେତିକି ଗୁରୁତ୍ୱପୂର୍ଣ୍ଣ ପାଠ୍ୟକ୍ରମର ଯୋଜନା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ଅଟେ । ପରିବହନ ବିଷୟକୁ ଦୟାପୂର୍ବକ ଦେଖ ଏବଂ ଏହାର ଗୁରୁତ୍ୱବହନକାରୀ ବିନ୍ଦୁଗୁଡିକୁ ଚିହ୍ନଟ କର । ନିମ୍ନରେ ତନ୍ମଧ୍ୟରୁ କେତେକ ପ୍ରଦାନ କରାଗଲା:-

-ଆମ ଦୈନନ୍ଦିନ ଜୀବନରେ ପରିବହନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ।

-ପରିବହନ ଉପଲବ୍ଧତା ବିଭିନ୍ନ କାରକ ଉପରେ ନିର୍ଭରଶୀଳ ।

-ପରିବହନର ବିଭିନ୍ନ ପନ୍ଥା ଓ ମାଧ୍ୟମ ରହିଛି ।

-ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ସଡ଼କ ପରିବହନ ଏକ ସାଧାରଣ ମାଧ୍ୟମ ଅଟେ ।

-ସଡ଼କ ପଥ ବିଭିନ୍ନ ପ୍ରକାରର- ଅନ୍ତର୍ଜାତୀୟ ରାଜପଥ, ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲା ରାଜପଥ ଏବଂ ଗ୍ରାମପଥ ବା ଗ୍ରାମ ସଡ଼କ ।

ଏବେ ଏହି ଅଧ୍ୟାୟର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁଗୁଡ଼ିକୁ ଚିହ୍ନଟ କରି ନିମ୍ନରେ ପ୍ରଦତ୍ତ ବାକ୍ସରେ ଲେଖ:

ଶିକ୍ଷାଦାନ ବିନ୍ଦୁଗୁଡ଼ିକୁ ଚିହ୍ନଟ କରିବା ପରେ ଶିକ୍ଷାଦାନ ଲକ୍ଷ୍ୟରେ ସେସବୁର ଅନୁକ୍ରମାଙ୍କ କରିବାକୁ ପଡିବ୍ । ଉପର ଲିଖିତ ସମସ୍ତ ଶିକ୍ଷାଦାନ ବିନ୍ଦୁଗୁଡ଼ିକୁ ଲକ୍ଷ୍ୟକର ଏବଂ ନିମ୍ନରେ ପ୍ରଦତ୍ତ ଖାଲି ସ୍ଥାନ(ବାକ୍ସ)ରେ ତାହାର ଅନୁକ୍ରମାଙ୍କ କର:

ବିଷୟବସ୍ତୁ ବିନ୍ଦୁଗୁଡ଼ିକର ଚିହ୍ନଟ ଏବଂ ଅନୁକ୍ରମାଙ୍କ ପରେ, ବିଷୟବସ୍ତୁ ଆଧାରରେ ଶିକ୍ଷଣ ଉଦ୍ଦେଶ୍ୟ ଉଲ୍ଲେଖ କରିବା ଆବଶ୍ୟକ ଅଟେ । ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା:-

ପରିବହନର ଗୁରୁତ୍ୱ ଖୋଜିବା

ପରିବହନର ବିଭିନ୍ନ ପ୍ରକାର ମାଧ୍ୟମ ଚିହ୍ନଟ କରିବା

ବିଭିନ୍ନ ପ୍ରକାର ରାସ୍ତା/ପଥର ଚିହ୍ନଟ କରିବା

ଆଶା, ଶିକ୍ଷଣ ଉଦ୍ଦେଶ୍ୟ କିପରି ନିର୍ଦ୍ଧାରଣ କରାଯାଏ ତୁମେ ତାହା ଜାଣ । ପରିବହନର ଅବଶିଷ୍ଟ ବିଷୟବସ୍ତୁ ପାଇଁ ତୁମେ କେତେକ ଶିକ୍ଷଣ ଉଦ୍ଦେଶ୍ୟ ପ୍ରସ୍ତୁତ କରିପାରିବ କି? ତୁମେ ସେଗୁଡ଼ିକୁ ନିମ୍ନରେ ଦିଆଯାଇଥିବା ବାକ୍ସରେ ଲେଖିପାର:

ଆସ ବର୍ତ୍ତମାନ ଶିକ୍ଷଣ ଉଦ୍ଦେଶ୍ୟ ସମ୍ପର୍କିତ କାର୍ଯ୍ୟଗୁଡିକୁ ପ୍ରସ୍ତୁତ କରିବା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ପରିବହନ ସଂକ୍ରାନ୍ତ ଜ୍ଞାନ ଗଠନରେ ସହାୟତା କରିବା ।

ଶ୍ରେଣୀରେ କୌଣସି ବିଷୟରେ ଆଲୋଚନା କରିବା ପୂର୍ବରୁ ସେହି ବିଷୟ ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତାକୁ ବ୍ୟବହାର କରିବା ପରାମର୍ଶଯୋଗ୍ୟ । ସେମାନଙ୍କ ଅଭିଜ୍ଞତାକୁ ଆଧାର କରି କିପରି ଆଲୋଚନା ଆରମ୍ଭ କରାଯିବ ଚାଲ ଦେଖିବା ।

ଟିପ୍ପଣୀ

ଭୂସ୍ଖଳନ/ମାନବୀୟ କାର୍ଯ୍ୟ ବା ଅନ୍ୟ ଯେକୌଣସି କାରଣ ପାଇଁ ରାସ୍ତା ଅବରୋଧ ହୋଇଥିବାର ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ଥିବ । ରାସ୍ତା ଅବରୋଧର କାରଣ ଓ ଏହାର ପ୍ରଭାବ ସମ୍ପର୍କରେ କହିବା ପାଇଁ ସେମାନଙ୍କୁ ସୁଯୋଗ ଦିଅ ।



କିଛି ପ୍ରଶ୍ନ ଜରିଆରେ ଆଲୋଚନା ଆରମ୍ଭ କରାଯାଇ ପାରିବ । ନିମ୍ନରେ କେତେକ ଉଦାହରଣ ପ୍ରଦାନ କରାଗଲା:-

- ରାସ୍ତା ଅବରୋଧ ହୋଇଥିବା କିଏ ଦେଖିଛି ?
-କେଉଁଠାରେ ରାସ୍ତା ଅବରୋଧ ହୋଇଥିଲା ?
-କେତେକ ସମୟ ଧରି ଏହା ହୋଇଥିଲା ?
-କାହିଁକି ରାସ୍ତା ଅବରୋଧ ହୋଇଥିଲା ?
-ତୁମ ଯାତାୟାତକୁ ଏହା କିପରି ପ୍ରଭାବିତ କରିଥିଲା ?
-ଲୋକମାନଙ୍କ ଧରାବନ୍ଧା କାର୍ଯ୍ୟକୁ ଏହା କିପରି ପ୍ରଭାବିତ କରେ ?

ଉପର ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କରିବା ପରେ ଛାତ୍ରଛାତ୍ରୀମାନଙ୍କୁ ଚତୁରତାର ସହ ଅନୁମାନ କରିବାକୁ ହେବ । ତେଣୁ, ସେମାନଙ୍କୁ ପ୍ରଶ୍ନ କର, ଯଦି ରାସ୍ତା ଅବରାଧ ସପ୍ତାହ ପର୍ଯ୍ୟନ୍ତ ଚାଲୁ ରହେ ତେବେ ଲୋକମାନଙ୍କ ଦୈନନ୍ଦିନ ଜୀବନ କ'ଣ ହେବ ? କେଉଁ ଭାବରେ ଆମେ ରାସ୍ତା ଅବରୋଧକୁ ଦୂର କରିପାରିବା ?

ଉପର କାର୍ଯ୍ୟ ପିଲାମାନଙ୍କୁ ପରିବହନର ଗୁରୁତ୍ୱ ବୁଝିବାରେ ସକ୍ଷମ କରାଇବ ।

ଆସ ଆମେ ବର୍ତ୍ତମାନ ପିଲାମାନଙ୍କୁ କେତେକ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ସମ୍ପର୍କରେ ପ୍ରଶ୍ନ ପଚାରିବା । ତାହାକୁ କଳାପଟାରେ ଲିପିବଦ୍ଧ କରିବା । ଏହାକୁ ସ୍ଥାନୀୟ ଭିତ୍ତିରେ ନିର୍ମିତ / ଉତ୍ପାଦିତ ବା ଅଣସ୍ଥାନୀୟ ଭାବରେ ବର୍ଗୀକୃତ କର । ଏହି ସବୁ ସାମଗ୍ରୀ/ପଦାର୍ଥକୁ ସେମାନେ କେଉଁଠାରୁ ପାଇଥାନ୍ତି ପ୍ରଶ୍ନ କର । ସେମାନେ ସେଗୁଡ଼ିକୁ କିପରି ସଂଗ୍ରହ କରନ୍ତି ? ସେହିସବୁ ସାମଗ୍ରୀ ଦୋକାନରେ କିପରି ଭାବରେ ପହଞ୍ଚିଥାଏ ଇତ୍ୟାଦି ? ଏହି ସବୁ ପ୍ରଶ୍ନ ପିଲାମାନଙ୍କୁ ପରିବହନ ଶବ୍ଦର ଅର୍ଥ ବୁଝିବା ଲକ୍ଷ୍ୟରେ ପ୍ରଶ୍ନ କରାଯିବ ।

ପରିବହନ ମାନଚିତ୍ର-ଭାରତର ସଡ଼କପଥ, ରେଳପଥ, ଜଳପଥ ଓ ଆକାଶପଥ ପ୍ରଦର୍ଶିତ କରାଅ । ଉତ୍ତର-ପୂର୍ବ ଭାରତ, ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଇତ୍ୟାଦିରେ ଉପଲବ୍ଧ ପରିବହନ ମାଧ୍ୟମ ଖୋଜିବାରେ ସେମାନଙ୍କୁ ସୁଯୋଗ ପ୍ରଦାନ କର । ସେଗୁଡ଼ିକୁ କଳାପଟାରେ ତାଲିକା କର । ପରିବହନ ପ୍ରସଙ୍ଗରେ ସବିଶେଷ ଆଲୋଚନା ପରେ ତୁମେ ଚିତ୍ର-୬ ଅଙ୍କନ କରିବାରେ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିପାରିବ ।




ଚିତ୍ର-୬ ପରିବହନର ମାଧ୍ୟମ

ପରିବହନର ବିଭିନ୍ନ ମାଧ୍ୟମ ଦ୍ୱାରା ସଂଯୁକ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ନାମ କହିବା ପାଇଁ ସେମାନଙ୍କୁ ପ୍ରଶ୍ନ କରାଯାଇ ପାରିବ ।

ଶିକ୍ଷାର୍ଥୀମାନେ ଥରେ ପରିବହନର ମାଧ୍ୟମ ସହ ପରିଚିତ ହେବା ପରେ ସେମାନଙ୍କୁ ଅନୁଧ୍ୟାନ ପାଇଁ ଯୋଜନା କରିବା ଏବଂ ଭାରତରେ ପରିବହନ ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନା କରିବା ପାଇଁ ଅନୁମତି (ସୁଯୋଗ) ପ୍ରଦାନ କରିବା ଆବଶ୍ୟକ । ଚାରିଟି ମାଧ୍ୟମ ପାଇଁ ପ୍ରାୟତଃ ସମାନ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନେଇ ଭିନ୍ନ ଭିନ୍ନ ସମୂହ ଗଠନ କରିବାକୁ ଅନୁମତି ଦିଅ । ସେମାନଙ୍କୁ ଗୋଟିଏ ମାଧ୍ୟମ ବାଛିବା ପାଇଁ ପର୍ଯ୍ୟାପ୍ତ ସମୟ ଓ ସ୍ୱାଧୀନତା ପ୍ରଦାନ କର । ସେମାନଙ୍କ ପସନ୍ଦର ମାଧ୍ୟମର ଉପଲବ୍ଧତା ଦର୍ଶାଉ ଥିବା ସୂଚନା, ଛବି ଓ ମାନଚିତ୍ର ସଂଗ୍ରହ କରିବାକୁ କୁହ । ଉପଯୁକ୍ତ ଅନ୍ତରାଳରେ ତୁମେ ସେମାନଙ୍କୁ ମାର୍ଗଦର୍ଶନ କରାଇବା ଉଚିତ । ଅନୁସନ୍ଧାନ ଶେଷରେ ପ୍ରତ୍ୟେକ ଦଳ ସଂଗ୍ରହ କରିଥିବା ସୂଚନା ଓ ପଦାର୍ଥକୁ ସଜେଇ ରଖିବେ ଏବଂ ପୂରା ଶ୍ରେଣୀକୁ ସେଗୁଡ଼ିକୁ ପ୍ରଦର୍ଶିତ କରାଇବା ସହ ଆଲୋଚନା ମଧ୍ୟ କରିବେ ।

ତୁମେ ଏବେ ଏକ ମାନସମନ୍ଥନ ଅଧିବେଶନ ଜରିଆରେ ପରିବହନର ସୁବିଧା/ଲାଭ ଆଡକୁ ଅଗ୍ରସର ହୋଇପାରିବ । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅନ୍ୟୂନ ଗୋଟିଏ ଲେଖାଏଁ ସୁବିଧା କହିବା ପାଇଁ ପ୍ରଶ୍ନ କର । କଳାପଟାରେ ସେଗୁଡ଼ିକର ତାଲିକା ଲିପିବଦ୍ଧ କର । ତୁମେ ଅର୍ଥନୈତିକ ବିକାଶ ପାଇଁ ଅଭିପ୍ରେତ (ଯଥା- ଖଣିଜ ପରିବହନ, ଖାଉଟି ସାମଗ୍ରୀ ପରିବହନ) ତିନି/ଚାରିଟି ସୁବିଧା ତଳେ କଳାପଟାରେ ଗାର ଦିଅ ଏବଂ ଦେଶର ବିକାଶରେ ପରିବହନର ଅବଦାନ ସଂକ୍ରାନ୍ତରେ ସେମାନଙ୍କୁ ପ୍ରଶ୍ନ କର । ଦେଶର ସମସ୍ତ ସ୍ଥାନ ବିଭିନ୍ନ ଦ୍ରବ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ନଥିବା ପିଲାମାନେ ଜାଣନ୍ତୁ । ସେମାନେ ସର୍ବଦା ପରସ୍ପରର ନିର୍ଭରଶୀଳ । ପାରସ୍ପରିକ ନିର୍ଭରଶୀଳତା ଯେକୌଣସି ସ୍ତରର ଯଥା- ସ୍ଥାନୀୟ, ଆଞ୍ଚଳିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ହୋଇପାରେ । କେଉଁସବୁ ସାମଗ୍ରୀ ସେମାନଙ୍କ ଅଞ୍ଚଳରୁ ବାହାରକୁ ପଠାଯାଉଛି ଏବଂ କେଉଁସବୁ ସାମଗ୍ରୀ ବାହାରୁ ସେମାନଙ୍କ ଅଞ୍ଚଳକୁ ଅଣାଯାଉଛି ଛାତ୍ରଛାତ୍ରୀ ଜାଣିବା ଆବଶ୍ୟକ । ଏହାକୁ ନିମ୍ନରେ ପ୍ରଦତ୍ତ ସର୍ବେକ୍ଷଣ ଜରିଆରେ ପିଲାମାନେ ଜାଣିପାରିବେ ।

**ରାସ୍ତାରେ ଯାତାୟାତ କରୁଥିବା ଯାନବାହନର ସର୍ବେକ୍ଷଣ:**

ଶ୍ରେଣୀକୁ ଏକାଧିକ ଦଳରେ ବିଭକ୍ତ କର ଏବଂ ତୁମ ଅଞ୍ଚଳର ବିଭିନ୍ନ କ୍ଷେତ୍ରର ନକ୍ସାକୁ ବାଣ୍ଟି ଦିଅ । ପ୍ରତ୍ୟେକ ଦଳରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ନିଜ ଅଞ୍ଚଳର ରାସ୍ତାରେ ଯାଆସ କରୁଥିବା ବିଭିନ୍ନ ପ୍ରକାର ଯାନବାହନ (ପ୍ରାଣୀମାନଙ୍କ ଦ୍ୱାରା ଟଣାଯାଉଥିବା ଯାନ, ଦୁଇ ଚକିଆ ଯାନ, ତିନି ଚକିଆ. ହାଲୁକା ଯାନ/କାର, ଭାରୀ ଯାନ/ଟ୍ରକ୍ ଏବଂ ବସ୍ ଇତ୍ୟାଦି)କୁ ୧୦ ମିନିଟ ପର୍ଯ୍ୟନ୍ତ ଗଣନା କରିବାକୁ କୁହ । ସେହି ଯାନବାହନଗୁଡ଼ିକ ମଧ୍ୟରୁ ଯଦି କୌଣସିଟି ନିଜ

ଟିପ୍ପଣୀ

ରାଜ୍ୟର ହୋଇନଥିବ ତେବେ ସେଗୁଡ଼ିକର ପଞ୍ଜିକରଣ ସଂଖ୍ୟା ଟିପିବାକୁ କୁହ । ସେମାନେ ମଧ୍ୟ ରାଜ୍ୟରେ ଯାତାୟାତ କରୁଥିବା ଟ୍ରକ୍‌ରେ ପରିବହନ ହେଉଥିବା ସାମଗ୍ରୀ ସଂକ୍ରାନ୍ତରେ ସେମାନଙ୍କ ବରିଷ୍ଠଙ୍କଠାରୁ ସୂଚନା ମଧ୍ୟ ସଂଗ୍ରହ କରିପାରିବେ ।

ଛାତ୍ରଛାତ୍ରୀମାନେ ସର୍ବେକ୍ଷଣ ଶେଷ କରିବା ପରେ ସେମାନଙ୍କୁ ଦଳ ଦଳ ହୋଇ ବସିବାକୁ କୁହ ଏବଂ ନିମ୍ନ ପ୍ରଦତ୍ତ ଟେବୁଲ୍ ପରି ଯାନବାହନ ସଂଖ୍ୟା ଏବଂ ପ୍ରକାର ଆଦିର ସୂଚନାକୁ ଏକାଠି କରିବାକୁ କୁହ ।

**ସ୍ଥାନୀୟ ପରିବହନର ଭୂମିକା:**

**ଦଳ/ସମୂହ କ୍ରମାଙ୍କ:**

**ପର୍ଯ୍ୟବେକ୍ଷଣ ସ୍ଥାନ:**

**ସମୟ:**

**ଅବଧି: ୧୦ ମିନିଟ୍**

| ଯାନବାହନର ପ୍ରକାର | ପର୍ଯ୍ୟବେକ୍ଷଣ କରାଯାଇଥିବା ଯାନବାହନ ସଂଖ୍ୟା | ରାଜ୍ୟରେ ପଞ୍ଜିକୃତ ଯାନବାହନ | ଅନ୍ୟ ରାଜ୍ୟରେ ପଞ୍ଜିକୃତ ଯାନବାହନ |
|---|---|---|---|
| ପ୍ରାଣୀଙ୍କ ଦ୍ୱାରା ଚାଳିତ ଗାଡ଼ି | | | |
| ଦୁଇ ଚକିଆ ଯାନ | | | |
| ତିନି ଚକିଆ ଯାନ | | | |
| ହାଲୁକା ଯାନ/ଚାରି ଚକିଆ | | | |
| ଭାରୀ ଯାନ/ବସ୍ | | | |
| ଭାରୀ ଯାନ/ଟ୍ରକ୍ | | | |

ସର୍ବେକ୍ଷଣରୁ ଉପଲବ୍ଧ ତଥ୍ୟକୁ ପୂରା ଶ୍ରେଣୀ ପାଇଁ ଏକତ୍ରିତ କର ଏବଂ ଯାତ୍ରୀ ଓ ଦ୍ରବ୍ୟ ପରିବହନ ସଂକ୍ରାନ୍ତରେ ଆଲୋଚନା କର । ବିଭିନ୍ନ ଯାନବାହନ ଯୋଗୁ ହେଉଥିବା ପ୍ରଦୂଷଣ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇ ପାରେ; ଫଳରେ ପ୍ରଦୂଷଣ ହ୍ରାସ କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ଆସି ପାରିବ ।

ଉପର ସର୍ବେକ୍ଷଣ ତଥ୍ୟାବଳୀକୁ ଅର୍ଥନୈତିକ ବିକାଶରେ ପରିବହନର ଭୂମିକା ଶୀର୍ଷକ ଆଲୋଚନା ପାଇଁ ମଧ୍ୟ ବ୍ୟବହାର କରାଯାଇ ପାରିବ । ଆଲୋଚନା ଆରମ୍ଭ କରିବା ପାଇଁ ଶ୍ରେଣୀକକ୍ଷରେ ତୁମେ ପ୍ରଶ୍ନ କରିବାକୁ ଥିବା କେତେକ ପ୍ରମୁଖ ପ୍ରଶ୍ନାବଳୀ ପ୍ରସ୍ତୁତ କରି ନିମ୍ନ ବାକ୍ସରେ ଲେଖ:

ଭାରତର ପରିବହନ ମାନଚିତ୍ରର ବ୍ୟବହାର କର । ଛାତ୍ରଛାତ୍ରୀମାନେ ନିଜ ରାଜ୍ୟର ପରିବହନ ବ୍ୟବସ୍ଥା ଠାବ କରନ୍ତୁ ଏବଂ ଉପଲବ୍ଧ ବିଭିନ୍ନ ମାଧ୍ୟମ ଏବଂ ଅଭାବ/ଅଣଉପଲବ୍ଧ ମାଧ୍ୟମର କାରଣ ବିଷୟରେ ଜାଣନ୍ତୁ । ପାଠ୍ୟପୁସ୍ତକରେ ଥିବା ସୂଚନା ଓ ଚିତ୍ର ବ୍ୟତୀତ ଅତିରିକ୍ତ ସୂଚନା ଓ ଚିତ୍ର ସହାୟତାରେ ଶ୍ରେଣୀରେ ଏକ ଆଲୋଚନା ମଧ୍ୟ କରାଯାଇ ପାରେ । ଆଲୋଚନା ଆରମ୍ଭ କରିବା ପାଇଁ କେତେକ ପ୍ରଶ୍ନ ନିମ୍ନରେ ଦିଆଗଲା:-

କାହିଁକି ଆସାମରେ ଜଳପଥର ଉତ୍ତମ ବ୍ୟବସ୍ଥା ରହିଛି ?

ସିକିମ୍‌ରେ କ'ଣ ପାଇଁ ରେଳପଥ ନାହିଁ ?

ସମଗ୍ର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ପରିବହନର ଅନ୍ୟ ମାଧ୍ୟମ ତୁଳନାରେ ସଡ଼କ ପଥର ଉତ୍ତମ ବ୍ୟବସ୍ଥା କାହିଁକି ?

କେତେକ ସ୍ଥାନରେ ପ୍ରାଣୀମାନଙ୍କୁ ପରିବହନର ମାଧ୍ୟମ ଭାବରେ ବ୍ୟବହାର କରାଯାଏ କାହିଁକି ?

ଆଲୋଚନାରୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପରିବହନର କୌଣସି ଏକ ମାଧ୍ୟମର ଉପଲବ୍ଧତା ଓ ଅଣଉପଲବ୍ଧତା ବିଷୟରେ ଛାତ୍ରଛାତ୍ରୀମାନେ ବୁଝି ପାରିବା ଆଶା କରାଯାଏ ।

ବର୍ତ୍ତମାନ ତୁମେ ତୁମ ରାଜ୍ୟର ଉଦାହରଣ ନିଅ ଏବଂ ରାଜ୍ୟର ସବୁ ଅଞ୍ଚଳରେ କ'ଣ ପାଇଁ ପରିବହନର ସମସ୍ତ ମଧ୍ୟମ ଉପଲବ୍ଧ ନୁହେଁ ଛାତ୍ରଛାତ୍ରୀଙ୍କୁ ବୁଝାଅ । ତୁମେ ଏହାକୁ କିପରି କରିବ ? ନିମ୍ନରେ ପ୍ରଦତ୍ତ ବାକ୍ସରେ ତାହାକୁ ବ୍ୟାଖ୍ୟା କର:

| |
|---|
| |

ଛାତ୍ରଛାତ୍ରୀମାନେ ସାଧାରଣତଃ ପାଠ୍ୟପୁସ୍ତକରେ ପ୍ରଦତ୍ତ ସୂଚନାଠାରୁ ଅଧିକ ଜାଣିବାକୁ ଇଚ୍ଛା କରନ୍ତି । ପୂର୍ବ ସମୟରେ ପରିବହନ ସୁବିଧା କିପରି ଥିଲା ବରିଷ୍ଠ ବ୍ୟକ୍ତି ବା ପଡୋଶୀଙ୍କୁ ପ୍ରଶ୍ନ କରି ଜାଣିବାକୁ ତୁମେ ମଧ୍ୟ ସେମାନଙ୍କୁ କହି ପାରିବ । ସେ ସମୟରେ ଏହା କାହିଁକି ଥିଲା ଜାଣିବାକୁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ପ୍ରଦାନ କର । ସମ୍ପ୍ରତି କାହିଁକି ଏହା ଭିନ୍ନ ? ପରିବହନ ପ୍ରସଙ୍ଗରେ ସାମ୍ପ୍ରତିକ ଓ ଅତୀତକୁ ତୁଳନା କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କର ଏବଂ ସେହି ଅଞ୍ଚଳରେ ହୋଇଥିବା ପ୍ରଗତି ସମ୍ପର୍କରେ ପ୍ରଶଂସା କରିବା ପାଇଁ ସେମାନଙ୍କୁ ସୁଯୋଗ ଦିଅ । ଅତୀତର ପରିବହନ ସଂକ୍ରାନ୍ତ ଆଲୋଚନା ପରେ ଶିକ୍ଷାର୍ଥୀଙ୍କୁ ଭାରତରେ ପରିବହନ ବ୍ୟବସ୍ଥା ସଂକ୍ରାନ୍ତରେ ପରିଚିତ କରାଇବା ଉଚିତ । ପରିବହନ ମାନଚିତ୍ର ପ୍ରଦର୍ଶନ କରାଯିବା ଉଚିତ ଏବଂ ଏହାକୁ ପାଠ କରିବା ପାଇଁ ଶିକ୍ଷାର୍ଥୀଙ୍କୁ କୁହାଯିବା ଉଚିତ । ମାନଚିତ୍ରରୁ ବିଶେଷ ସୂଚନା ପାଇବା ପାଇଁ ତୁମେ ଶିକ୍ଷାର୍ଥୀଙ୍କୁ ପ୍ରମୁଖ ପ୍ରଶ୍ନମାନ ପଚାରି ପାରିବ । ପ୍ରଶ୍ନ କରାଯିବାକୁ ଥିବା କେତେକ ପ୍ରମୁଖ ପ୍ରଶ୍ନ ନିମ୍ନରେ ପ୍ରଦାନ କରାଗଲା:-

-ଗଙ୍ଗା ନଦୀର କେଉଁ ଅଂଶ ନୌ ପରିବହନକ୍ଷମ ?

-କାହିଁକି ପୂରା ଗଙ୍ଗା ନୌପରିବହନ କ୍ଷମ ନୁହେଁ ?

-ଜମ୍ମୁ-କାଶ୍ମୀର ଓ ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ରେଳପଥ ଓ ଆକାଶ ପଥକୁ ନିରୀକ୍ଷଣ କର । ତୁମେ କେଉଁ ପାର୍ଥକ୍ୟ ଦେଖିଲ ? ଏହା କାହିଁକି ?

-ଜାତୀୟ କରିଡ଼ର ଓ ସ୍ୱର୍ଣ୍ଣ ଚତୁର୍ଭୁଜ ଚିହ୍ନଟ କର । ଯେଉଁସବୁ ରାଜ୍ୟ ମଧ୍ୟ ଦେଇ ଏସବୁ ଅତିକ୍ରମ କରିଛି ସେଗୁଡ଼ିକର ତାଲିକା ପ୍ରସ୍ତୁତ କର । ଏହି ସବୁ ପଥର ସୁବଧାଗୁଡ଼ିକ କ'ଣ ?

ଉପରଲିଖିତ ପ୍ରଶ୍ନାବଳୀ ପରି ସେମାନଙ୍କ ଅଭିଜ୍ଞତା ଆଧାରରେ ତୁମେ ସେମାନଙ୍କୁ ଆଉ କିଛି ପ୍ରଶ୍ନ ପଚାର ଓ ଉତ୍ତର ସଂଗ୍ରହ କର ।

ତୁମେ ମଧ୍ୟ ଜନବସତି(ରାସ୍ତା/ପଥ ଦର୍ଶାଉଥିବା)ର ଛବି ପ୍ରଦର୍ଶନ କରିପାରିବ-ଘନ ଜନବସତି ଏବଂ ବିକ୍ଷିପ୍ତ ଜନବସତି ।

| ଘନ ଜନବସତି | ବିକ୍ଷିପ୍ତ ଜନବସତି |
|---|---|

ଛବିକୁ ନିରୀକ୍ଷଣ କରିବାକୁ ଛାତ୍ରଛାତ୍ରୀଙ୍କୁ କୁହ ଏବଂ ସେହି ପ୍ରକାର ଜନବସତିର କାରଣ କ'ଣ ପ୍ରଶ୍ନ କର । ପରିବହନ ଉପଲବ୍ଧତା ଯୋଗୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଲୋକମାନଙ୍କ ପରିଭ୍ରମଣର ସାହାଯ୍ୟ ନେଇପାରିବ ।

ଦୟାକରି ସେମାନଙ୍କୁ ଘନଜନବସତି ଓ କମ୍ ଘନ ଜନବସତି ଥିବା କିଛି ସ୍ଥାନୀୟ ଉଦାହରଣ ପ୍ରଦାନ କର ଏବଂ ଏହି ପ୍ରକାର ବଣ୍ଟନ ପର କାରଣ କ'ଣ ପିଲାମାନଙ୍କଠାରୁ ଜାଣିବାକୁ ଚେଷ୍ଟା କର । ଲୋକସଂଖ୍ୟାର ଆବଣ୍ଟନ ଓ ଘନତ୍ୱ ଉପରେ ପରିବହନର ପ୍ରଭାବ ବୁଝିବାରେ ଏହା ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବ । ତୁମେ ଜାଣିଛ ଯେ ପରିବହନ ଏକ ସ୍ଥାନର ସଂସ୍କୃତିକୁ ମଧ୍ୟ ପରିବର୍ତ୍ତନ କରିଥାଏ । ତୁମ ଛାତ୍ରଛାତ୍ରୀଙ୍କୁ ଏହା ବୁଝାଇବା ପାଇଁ ଶ୍ରେଣୀକକ୍ଷରେ ତୁମେ କେଉଁ କାର୍ଯ୍ୟର ପ୍ରସ୍ତାବ କରିବ ? ନିମ୍ନରେ ପ୍ରଦତ୍ତ ବାକ୍ସରେ ସେଗୁଡ଼ିକୁ ଲେଖ:-

| |
|---|
| |

## ୪.୮. ସାରାଂଶ

ଏହି ଏକକରେ ତୁମେ ସାମାଜିକ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ/ଭାଗ ବିଷୟରେ ଅବଗତ ହେଲ । ଏହି ନିର୍ଦ୍ଦିଷ୍ଟ ଅଂଶ ବାବଦରେ ତୁମେମାନେ ତୁମ୍ଭର ବୁଝିବା ଶକ୍ତିକୁ ବ୍ୟାପକ କରିଥିବ ନିଶ୍ଚୟ । ତୁମେ ଅନୁଭବ କଲ ଯେ ଭୂଗୋଳ ହେଉଛି ସ୍ଥାନନିର୍ଦ୍ଧାରଣ ବିଜ୍ଞାନ ଯାହା ଦ୍ୱାରା ଆମେ ପୃଥିବୀ ପୃଷ୍ଠରେ ହେଉଥିବା ବିଭିନ୍ନ ଦୃଶ୍ୟପଟ (ପ୍ରାକୃତିକ ଓ ମାନବୀୟ)କୁ ଅଧ୍ୟୟନ କରିଥାଉ । ଭୂଗୋଳକୁ କିପରି ବ୍ୟବସ୍ଥିତ ଓ ଆଞ୍ଚଳିକ ପନ୍ଥା ଜରିଆରେ ଅଧ୍ୟୟନ କରିହେବ ଆମେ ମଧ୍ୟ ଶିକ୍ଷାକଲେ । ଏହା ପରେ ତୁମେ ଭୂଗୋଳ ଉପରେ ବିଭିନ୍ନ ପ୍ରତିଫଳନ ସହ ଅଭ୍ୟସ୍ତ ହେଲ ଏବଂ ସ୍ଥାନ ସହ ସମ୍ବନ୍ଧିତ ତଥା ଭୌଗୋଳିକ ବିଶେଷତ୍ୱ ଓ ବିଶେଷ ରୂପକୁ ଚିହ୍ନଟ କରୁଥିବା ଭୂଗୋଳକୁ ଏକ ଶୃଙ୍ଖଳା ଭାବରେ ଶିକ୍ଷାକଲ । ଏହା ସ୍ଥାନକୁ ନେଇ ବଣ୍ଟନ, ଅବସ୍ଥିତି ଓ ଘନତ୍ୱ, ଘଟଣାବଳୀର ପ୍ରକାରର ଅଧ୍ୟୟନ ଏବଂ ସେହିସବୁ ପ୍ରକାରକୁ ବ୍ୟାଖ୍ୟା ମଧ୍ୟ କରେ । ଏହା ମାନବଜାତି ଓ ସେମାନଙ୍କ ଭୌତିକ ପରିବେଶର ସକ୍ରିୟ ସମ୍ପର୍କରୁ ସୃଷ୍ଟ ଦୃଶ୍ୟପଟର ମିଶ୍ରଣ ଓ ପାରସ୍ପରିକ ସମ୍ପର୍କକୁ ଦର୍ଶାଏ । ଏହି ଏକକରେ ଆମେ ମଧ୍ୟ ଭୂଗୋଳର ବିଭିନ୍ନ ପରିସରର ବ୍ୟାପ୍ତି ଜାଣିବାକୁ ଉଦ୍ୟମ କଲେ ଏବଂ ଅନୁଭବ କଲେ ଯେ ବିଭିନ୍ନ ପ୍ରାକୃତିକ ବିଜ୍ଞାନ ଓ ସାମାଜିକ ବିଜ୍ଞାନର ବିଜ୍ଞାନ ବିଷୟବସ୍ତୁରୁ ଆନୀତ ଭୂଗୋଳର ଅନେକ ବିଶେଷ ଶାଖା ରହିଛି । ଏହି ଏକକରେ ତୁମେ ଉଚ୍ଚ ପ୍ରାଥମିକ ସ୍ତର ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ଭୂଗୋଳର ସ୍ଥାନ ବିଷୟରେ ମଧ୍ୟ ଜାଣିଲ । ତୁମେ ମଧ୍ୟ ଉଚ୍ଚ ପ୍ରାଥମିକ ସ୍ତରରେ ଭୂଗୋଳ ଶିକ୍ଷାଦାନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ ହୋଇପାରିଲ । ତୁମେ ନିଶ୍ଚିତ ଭାବରେ ଲକ୍ଷ୍ୟ କରିଥିବ ଯେ ଏହି ସ୍ତରରେ ଭୂଗୋଳର ବିଷୟବସ୍ତୁ ତିନିଟି ମୁଖ୍ୟ ଘଟଣାକୁ ନେଇ କେନ୍ଦ୍ରିତ- ଆମ ପୃଥିବୀ, ଆମ ପରିବେଶ ଏବଂ ଆମ ସାଧନ ତଥା ବିକାଶ ଯାହାକୁ ପୃଥକ୍ ପୃଥକ୍ ଭାବେ ଯଥାକ୍ରମେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ନିଆଯାଇଛି । ଆଗାମୀ ଅଧ୍ୟାୟରେ ଏହି ସବୁ ବିଷୟର କୌଶଳ ସଂକ୍ରାନ୍ତ ଶିକ୍ଷା ଜରିଆରେ ତୁମେ ତୁମ ଜ୍ଞାନକୁ ଅଧିକ ସମୃଦ୍ଧ କରିପାରିବ । ତୁମେ ମଧ୍ୟ ବିଭିନ୍ନ ସାଧନ ବିଷୟରେ ସଚେତନ ହୋଇପାରିବ; ଯାହାକୁ ଏହି ସବୁ ବିଷୟର ଶିକ୍ଷାଦାନରେ ବ୍ୟବହାର କରାଯାଇଥାଏ ।

## ୪.୯ ଶବ୍ଦାବଳୀ/ସଂକ୍ଷିପ୍ତ ରୂପ

କାର୍ଟୋଗ୍ରାଫୀ- ମାନଚିତ୍ର ଅଙ୍କନର କଳା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ।

ରିମୋଟ୍ ସେନ୍‌ସିଂ- ଏହା କୌଣସି ବସ୍ତୁ ବା ଘଟଣାକୁ ଭୌତିକଭାବେ ସ୍ପର୍ଶ ନକରି ତତ୍ ସମ୍ପର୍କିତ ସୂଚନା ସଂଗ୍ରହ କରିବା କୌଶଳ ଅଟେ । ଆଧୁନିକ ବ୍ୟବହାର ଦୃଷ୍ଟିରୁ ଏହା ସମ୍ପ୍ରସାରିତ ସଙ୍କେତ (ବିମାନ ବା ଉପଗ୍ରହରୁ ନିର୍ଗତ ବିଦ୍ୟୁତ୍‌ଚୁମ୍ବକୀୟ ବିକିରଣ) ଜରିଆରେ ପୃଥିବୀ (ଉଭୟ ଭୂପୃଷ୍ଠ ଏବଂ ବାୟୁମଣ୍ଡଳ ଓ ସାଗର)ର କୌଣସି ବସ୍ତୁକୁ ଠାବ କରିବା ଓ ବର୍ଗୀକରଣ କରିବାରେ ବ୍ୟବହୃତ ବାୟୁମଣ୍ଡଳୀୟ ପ୍ରଯୁକ୍ତିବିଦ୍ୟାକୁ ବୁଝାଏ ।

ଜିଓଗ୍ରାଫିକ୍ ଇନ୍‌ଫରମେସନ୍ ସିଷ୍ଟମ୍/ଭୌଗୋଳିକ ସୂଚନା ପଦ୍ଧତି (ଜିଆଇଏସ୍)-ସମସ୍ତ ପ୍ରକାର ଭୌଗୋଳିକ ତଥ୍ୟାବଳୀକୁ ସରଳତମ ଭାବରେ ଧରିବା, ମହଜୁଦ କରିବା, ବଦଳାଇବା, ସମୀକ୍ଷା କରିବା, ପରିଚାଳନା କରିବା ଏବଂ ଉପସ୍ଥାପନ କରିବାର ବ୍ୟବସ୍ଥା/ପଦ୍ଧତିକୁ ବୁଝାଏ । ମାନଚିତ୍ର ଅଙ୍କନ, ପରିସଂଖ୍ୟାନ ସମୀକ୍ଷଣ ଏବଂ ତଥ୍ୟାଧାର ପ୍ରଯୁକ୍ତିବିଦ୍ୟାର ମିଶ୍ରଣ ହିଁ ଜିଆଇଏସ୍ । ଭୂଗୋଳରେ ଉତ୍ତମ ସ୍ଥିତି ନିର୍ଦ୍ଧାରଣ ବ୍ୟାଖ୍ୟାନର ଏହା ଏକ ଆଧୁନିକ ଜ୍ଞାନକୌଶଳ ।



ଟିପ୍ପଣୀ

ଗ୍ଲୋବାଲ ପୋଜିସନିଂ ସିଷ୍ଟମ୍ (ଜିପିଏସ୍)- ଏହା ସ୍ଥାନ ଆଧାରିତ ଜାଗତୀୟ ସ୍ଥାନ ନିର୍ଦ୍ଧାରଣ ପଦ୍ଧତି (ଜିଏନ୍ଏସ୍ଏସ୍); ଯାହା ପୃଥିବୀରେ ବା ପୃଥିବୀ ନିକଟସ୍ଥ ଯେକୌଣସି ସ୍ଥାନ ସଂକ୍ରାନ୍ତରେ ସମସ୍ତ ପ୍ରକାର ପାଣିପାଗରେ ସ୍ଥିତି ଓ ସୂଚନା ପ୍ରଦାନ କରିଥାଏ ଯେଉଁଠାରେ ଚାରି ବା ତଦୁର୍ଦ୍ଧ୍ୱ ଜିପିଏସ୍ ଉପଗ୍ରହ ଏକ ସରଳରେଖାରେ ଅବାଧରେ କାର୍ଯ୍ୟ କରିଥାନ୍ତି ।

କ୍ୱାଣ୍ଟିଟେଟିଭ୍ ଟେକ୍‌ନିକ୍‌ସ-ଏହା ପରିସଂଖ୍ୟାନ, ଗାଣିତିକ କିମ୍ବା ଗଣନା କୌଶଳ ଜରିଆରେ ସାମାଜିକ ଦୃଶ୍ୟପଟରେ ବ୍ୟବସ୍ଥିତ ମୌଳିକ ଅନୁସନ୍ଧାନକୁ ବୁଝାଏ ।

ସ୍ପାସିଆଲ୍ ସାଇନ୍ସ- ଏହା ସର୍ବେକ୍ଷଣ, ଭୌଗୋଳିକ ସୂଚନା ପଦ୍ଧତି, ମାନଚିତ୍ର ଅଙ୍କନ ଓ ଜଳଉସ୍ର ସର୍ବେକ୍ଷଣ ପାଠ୍ୟକ୍ରମକୁ ସାମିଲ କରୁଥିବା ଶୈକ୍ଷିକ ପାଠ । ଏହା ବିଶେଷତଃ ପୃଥିବୀ, ଏହାର ଭୌତିକ ବୈଶିଷ୍ଟ୍ୟ ଏବଂ ନିର୍ମିତ ପରିବେଶର ସ୍ଥାନଗତ ସୂଚନାର ପରିମାପ, ପରିଚାଳନା, ପର୍ଯ୍ୟାଲୋଚନା ଓ ପ୍ରଦର୍ଶନ ସହ ସମ୍ପୃକ୍ତ ।

ଏରିଏଲ୍ ଡିଫେରେନ୍ସିଏସନ୍- ଏହା ଭୂଗୋଳ ଅଧ୍ୟୟନର ଏକ ପଦ୍ଧତି । ପୃଥିବୀ ପୃଷ୍ଠର କ୍ଷେତ୍ର କିପରି ଭାବରେ ଭିନ୍ନ ପୃଥିବୀ ପୃଷ୍ଠର ମାନବ ଓ ଭୌତିକ ଦୃଶ୍ୟପଟ/ଘଟଣା କିପରି ଭିନ୍ନ ଏହା ବ୍ୟାଖ୍ୟା କରେ; ଯାହାର ଲକ୍ଷ୍ୟ ଜନବସତିର ବିଭିନ୍ନତାର ବୈଶିଷ୍ଟ୍ୟକୁ ଅନୁଧ୍ୟାନ କରିବା ।

ପେଡ଼ୋଲୋଜୀ-ମୃତ୍ତିକା ଅଧ୍ୟୟନ ବିଜ୍ଞାନ

## ୪.୧୦ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Adhikari, Sudeepta(2004): *Fundamentals of Geographic Thought,* Chaitanya, Allahabad.
- Dikshit, R.D.(2000) : *Geographical Thought : A Contextual History of Ideas*,Prentice Hall,
- Hartshorne, Richard (1959): *Perspectives on the Nature of Geography,* Rand,McNally and Co.,Chicago.
- Minshull, R.(1970) : *The Changing Nature of Geography,* Hutchinson University Library, London.
- NCERT (2005): National Curriculum Framework, NCERT, New Delhi.
- NCERT (2006): Class VI Social Science; *the Earth our Habitat,* NCERT, New Delhi.
- NCERT (2006): Class XI, Geography Text Book, Fundamentals of Physical Geography, NCERT, New Delhi.
- NCERT (2006): Position Paper, National Focus Group on Teaching of Social Sciences, NCERT, New Delhi
- NCERT (2007): Class VII, Social Science; Our *Environment,* NCERT, New Delhi.
- NCERT (2008): Class VIII, Social Science; *Resources and Development,* NCERT, New Delhi.
- Spellman, Frank. R. (2010): Geography for Non Geographers, Published by Government Institutes, Plymoth, United Kingdom


## ୪.୧୧. ପାଠାନ୍ତ ପ୍ରଶ୍ନାବଳୀ

-ତୁମ ରାଜ୍ୟରେ ଉପଲବ୍ଧ ଭୂଗୋଳ/ସାମାଜିକ ବିଜ୍ଞାନ ପାଠ୍ୟ ପୁସ୍ତକ ଆଧାରରେ ନିମ୍ନଲିଖିତ ବିନ୍ଦୁ/ଉକ୍ତିଗୁଡ଼ିକ ସଂକ୍ରାନ୍ତରେ ତୁମେ କ'ଣ ପର୍ଯ୍ୟବେକ୍ଷଣ କଲ ଲେଖ:

(କ) ଭୂଗୋଳ ଶିକ୍ଷାଦାନ ଓ ଶିକ୍ଷଣର ଆବଶ୍ୟକତା

(ଖ) ଭୂଗୋଳର ବିଷୟବସ୍ତୁ

(ଗ) ସାମାଜିକ ବିଜ୍ଞାନ/ଭୂଗୋଳ ଶିକ୍ଷାଦାନର ପଦ୍ଧତି

-ଅଷ୍ଟମ ଶ୍ରେଣୀରେ ଭୂଗୋଳ ଶିକ୍ଷାଦାନ ନିମନ୍ତେ ଏକ ପାଠ୍ୟଯୋଜନା ପ୍ରସ୍ତୁତ କର । ତୁମେ ତୁମ ଶିକ୍ଷଣ ଉଦ୍ଦେଶ୍ୟ, ଶିକ୍ଷଣ ସାଧନ, ଆନୁକ୍ରମିକ ଶିକ୍ଷଣ କାର୍ଯ୍ୟ ଏବଂ ମୂଲ୍ୟାୟନ ପନ୍ଥାକୁ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଆବଶ୍ୟକ ।